ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK	पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.277 Bhubaneswar Saturday, December 25, 2021 | ୨୪ତମ ବର୍ଷ | ସଂଖ୍ୟା–୨୭୭ | ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୫, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ବିଶେଷ ଘୋଷଣା

ରାଜ୍ୟ ସରକାରଙ୍କ କରୋନା ସମ୍ପର୍କିତ ନିର୍ଦ୍ଦେଶାବଳୀ ଅନୁଯାୟୀ ୨୫ ଡିସେମ୍ବରରେ ହେବାକୁ ଥିବା 'ପର୍ଯ୍ୟବେକ୍ଷକ' ଓ 'ଦି'କଳିଙ୍ଗ କ୍ରୋନିକିଲ'ର ପଶ୍ଚିମ ଓଡ଼ିଶା ବ୍ୟୁରୋ କାର୍ଯ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସାମୟିକ ରୂପେ ସ୍ଥଗିତ ରଖାଗଲା। ପରବର୍ତ୍ତୀ କାର୍ଯ୍ୟକ୍ରମ ବିଷୟରେ ସୂଚିତ କରାଯିବ । ଅସୁବିଧା ପାଇଁ ଦୁଃଖିତ।

**ଶ୍ରୀ ସୁଧାଂଶୁ ମହାରଣା**
ବ୍ୟୁରୋ ମୁଖ୍ୟ, ପଶ୍ଚିମ ଓଡ଼ିଶା, ସମ୍ବଲପୁର
ମୁଖ୍ୟ ସମ୍ପାଦକ
**ଡକ୍ଟର ପବିତ୍ରମୋହନ ସାମନ୍ତରାୟ**
'ପର୍ଯ୍ୟବେକ୍ଷକ' ଓ 'ଦି'କଳିଙ୍ଗ କ୍ରୋନିକିଲ', ଭୁବନେଶ୍ୱର

# ବଡ଼ଦିନ ଓ ନୂଆବର୍ଷ ପାଳନ ଉପରେ କଟକଣା, ଗାଇଡ୍ ଲାଇନ୍ ଜାରି କଲେ ସରକାର

ଭୁବନେଶ୍ୱର, ୨୪।୧୨(ପି.ଏନ): ବଡ଼ଦିନ ଓ ନୂଆବର୍ଷକୁ ଦୃଷ୍ଟିରେ ରଖି କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ସାରା ରାଜ୍ୟରେ କେଉଁଠି ନୂଆବର୍ଷ ପାଳନ କରାଯାଇ ପାରିବ ନାହିଁ । ଡିସେମ୍ବର ୨୫ ଏବଂ ୩୧ ଏବଂ ଜାନୁୟାରୀ ୧ ଓ ୨ ତାରିଖ ଏହି କଟକଣା ବଳବତର ରହିବ । ହୋଟେଲ, କ୍ଲବ, ରେଷ୍ଟୁରାଂଟ ଓ ପାର୍କ ଭଳି ସ୍ଥାନରେ କୌଣସି ସେଲିବ୍ରେସନ ହୋଇପାରିବ ନାହିଁ।ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ କେବଳ ଚର୍ଚ୍ଚ ମଧ୍ୟରେ ବଡ଼ଦିନ ପାଳନ ପାଇଁ ଅନୁମତି ମିଳିବ। ଏଥିରେ ସର୍ବାଧିକ ୫୦ ଜଣଙ୍କୁ ଅନୁମତି ଦିଆଯାଇଛି। ଅପରପକ୍ଷରେ ଜିରୋ ନାଇଟ୍ ସେଲିବ୍ରେସନକୁ ସଂପୂର୍ଣ୍ଣ ବାରଣ କରାଯାଇଛି। ହୋଟେଲ, କ୍ଲବ, ରେଷ୍ଟୁରାଂଟରେ ନୂଆବର୍ଷ ପାଳନ ସମ୍ପୂର୍ଣ୍ଣ ବନ୍ଦ ରହିବ। ପାର୍କ,କନଭେସନ ହଲ ଓ କଲ୍ୟାଣ ମଣ୍ଡପରେ ନୂଆବର୍ଷ ପାଳନ ଉପରେ କଟକଣା ଲଗାଯାଇଛି। ଏହି ସମୟରେ ବାହାଘର ବ୍ୟତୀତ ଅନ୍ୟସବୁ ଉତ୍ସବ ଉପରେ ରୋକ୍ ଲଗାଯାଇଛି। ହେଲେ ରିସେପସନ୍ ଭୋଜିକୁ ବାରଣ କରାଯାଇଛି।ଅନ୍ତିମ ସଂସ୍କାର ସମୟରେ କୋଭିଡ ନିୟମକୁ କଡ଼ାକଡ଼ି ପାଳନ କରାଯିବାକୁ ବି ଏଥିରେ କୁହାଯାଇଛି। ତା'ଛଡ଼ା ଏହି ସମୟରେ ଶୋଭାଯାତ୍ରା, ଅର୍କେଷ୍ଟ୍ରା, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବି ବାରଣ କରାଯାଇଛି। ଏକତ୍ର ଭୋଜି କରିବା ଉପରେ ମଧ୍ୟ କଟକଣା ଲଗାଯାଇଛି। ଏନେଇ ଜିଲ୍ଲାପାଳ, ମ୍ୟୁନସିପାଲ କମିଶନର, କଟକ- ଭୁବନେଶ୍ୱର ପୋଲିସ୍ କମିଶନରଙ୍କୁ କୋଭିଡ ନିୟମକୁ କଡ଼ାକଡ଼ି ପାଳନ କରାଯିବାକୁ ବି ନିର୍ଦ୍ଦେଶ ଦିଆଯାଇଛି। ଦରକାର ପଡ଼ିଲେ ଅଧିକ କଟକଣା ଲଗାଇବାକୁ ବି ସେମାନଙ୍କୁ ଅନୁମତି ଦିଆଯାଇଛି।ଶୁକ୍ରବାର ଦିନ ଏସଆରସି ଜାରି କରିଥିବା ପ୍ରଥମ ରିଲିଜ୍ ଅନୁଯାୟୀ ଆସନ୍ତାକାଲି (ଡିସେମ୍ବର ୨୫) ଠାରୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ କଟକଣା ଜାରି ରହିବା ନେଇ ସୂଚନା ଦିଆଯାଇଥିଲା। ତେବେ ସଂଧ୍ୟାରେ ଏହାକୁ ସାମାନ୍ୟ ପରିବର୍ତନ କରାଯାଇଥିଲା। ନୂଆ ରିଲିଜ୍ ଅନୁଯାୟୀ ୨୬ରୁ ୩୦ ତାରିଖ କଟକଣା କୋହଳ କରାଯାଇଛି।

# ବାୟୁସେନାର ମିଗ-୨୧ ଯୁଦ୍ଧ ବିମାନ କ୍ରାଶ



ଜୈସଲମେର,୨୪।୧୨(ପି.ଏନ): ପୁଣିଥରେ ବାୟୁସେନାର ଗୋଟିଏ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡିସେମ୍ବର ୮ରେ ସିଡିଏସ୍ ? ଜେନେରାଲ ବିପନ ରାଓ୍ୱତଙ୍କୁ ହେଲିକପ୍ଟର କ୍ରାଶ ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ ଆଜି ଏପରି ଘଟଣା ସାମ୍ନାକୁ ଆସିଛି। ଆଜି ରାଜସ୍ଥାନର ଜୈସଲମେର୍ ?ରେ ବାୟୁସେନାର ମିଗ-୨୧ ଯୁଦ୍ଧ ବିମାନ କ୍ରାଶ ହୋଇଛି।ଘଟଣାରେ ବିମାନର ପାଇଲଟ ପ୍ରାଣ ହରାଇଥିବା ପ୍ରାଥମିକ ଭାବେ ରିପୋର୍ଟ ଆସିଛି। ବାୟୁସେନା କହିଛି ଯେ ଆଜି ସନ୍ଧ୍ୟା ପ୍ରାୟ ୮.୩୦ ମିଗ୍ ? ୨୧ ଯୁଦ୍ଧ ବିମାନ ଭାରତ-ପାକିସ୍ତାନ ସୀମାନ୍ତ ସୁଦାସିରି ଗାଁ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। କିନ୍ତୁ ଦୁର୍ଘଟଣାର କାରଣ ଜଣାପଡିନି। ବାୟୁସେନା ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚ଼ନା ଅନୁଯାୟୀ, ସାମ ପୁଲିସ୍ ଷ୍ଟେସନ ଅନ୍ତର୍ଗତ ଡିଜର୍ଟ ନ୍ୟାଶନାଲ ପାର୍କ ଅଞ୍ଚଳରେ ବିମାନର ଧ୍ୱଂସାବଶେଷ ପଡିଛି। ପ୍ରଥମେ ସ୍ଥାନୀୟ ଲୋକ ଦୁର୍ଘଟଣା ସମ୍ପର୍କରେ ପ୍ରଶାସନକୁ ଖବର ଦେଇଥିଲେ। ଏହାପରେ ପୁଲିସ୍ ? ଓ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଛନ୍ତି।ଦୁର୍ଘଟଣା ଏତେ ଭୟଙ୍କର ରହିଥିଲା ଯେ ବିମାନଟି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏସପିଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବରିଷ୍ଠ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ କରିଛନ୍ତି। ବିମାନଟି ରୁଟିନ ଓ୍ୱାର୍କରେ ଯାଇଥିବା ବେଳେ ଏପରି ଅଘଟଣ ଘଟିଛି। ପାଇଲଟଙ୍କ ବ୍ୟତୀତ ବିମାନରେ ଆଉ କିଏ ଥିଲେ କି ନାହିଁ ସେକଥା ଜଣାପଡିଛି।ସୂଚ଼ନାଯୋଗ୍ୟ, ଚ଼ଳିତ ବର୍ଷ ଏକାଧିକ ମିଗ-୨୧ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ ହେବାର ନଜିର ରହିଛି।

# ଗୋଟିଏ ଦିନରେ ୧୪୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୪।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୪୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୩୬୪୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୩ ହଜାର ୩୯୧ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୭୫୧ରହିଛି । ଆଜି ଚିହ୍ନଟ ହୋଇଥିବା ୧୪୧ ଜଣଙ୍କ ମଧ୍ୟରୁ ୮୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୫୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳରୁ ଜିଲ୍ଲାରୁ ୨,ବାଲେଶ୍ୱର ଜିଲ୍ଲାରୁ ୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ, ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୨ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଓ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୮ ଜଣ ଓ ଷ୍ଟେଟ୍ ପୁଲରୁ ୧୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୧୩ ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର, ୨୪।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୧୩ ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଂଜୁରୀ ମିଳିଛି। ଏହା ମଧ୍ୟରେ ଶକ୍ତି, ଶିଳ୍ପ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଜଳ ସମ୍ପଦ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ, ଗୃହ ଏବଂ ନଗର ଉନ୍ନୟନ, ଆଇନ, ପୂର୍ତ୍ତ ଏବଂ ସଂସଦୀୟ ବ୍ୟାପାର ବିଭାଗ ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କ୍ୟାବିନେଟ ନିଷ୍ପତି ବିଷୟରେ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଲୋ ଭୋଲଟେଜ ସମସ୍ୟାର ସମାଧାନ ପାଇଁ ପ୍ରକଳ୍ପଗୁଡିକୁ ଅନୁମୋଦନ ଦିଆଯାଇଛି। ସେହିପରି ବହୁଭାଷୀ ଶିକ୍ଷା ସହାୟକଙ୍କୁ ନିୟମିତ କରାଯିବାକୁ ନିଷ୍ପତି ହୋଇଥିବା ବେଳେ କଳାହାଣ୍ଡିରେ ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପ ନିର୍ମାଣ, ଢେଙ୍କାନାଳ ଏବଂ କଟକ ଜିଲ୍ଲାରେ ଜଳସେଚନ ପାଇଁ ରେଙ୍ଗାଲି ଡାହାଣ ଜଳସେଚନ ପ୍ରଣାଳୀରୁ ଭୂତଳ ପାଇପଲାଇନ ଜଳସେଚନ ବ୍ୟବସ୍ଥା, ଏବଂ ବାଲେଶ୍ୱର ଜିଲ୍ଲାର ପ୍ରାୟ ୯୮୦୦ ହେକ୍ଟର ଜମିରେ ଜଳସେଚନ ପାଇଁ ଆନନ୍ଦପୁର ବ୍ୟାରେଜରୁ ଭୂତଳ ପାଇପଲାଇନ ନିର୍ମାଣକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି ।ସାମ୍ବାଦିକ ସମ୍ମିଳନୀରେ ଉନ୍ନୟନ କମିଶନରପ୍ରଦୀପ କୁମାର ଜେନା ଏବଂ ସଂପୃକ୍ତ ବିଭାଗର ମୁଖ୍ୟ ସଚିବମାନେ ଉପସ୍ଥିତ ଥିଲେ।




















# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କେନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

ପର୍ଯ୍ୟବେକ୍ଷକ
PARYABEKHYAK



ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୨୫

# ନୋବେଲ ବିଜେତା ରମଣ



ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ଏସିଆର ପ୍ରଥମ ବ୍ୟକ୍ତି ସାର୍ ପ୍ରଫେସର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ। ଦକ୍ଷିଣ ଭାରତର ତ୍ରିଚିନାପଲ୍ଲୀ ସହରର ଥିରୁଭାନାଇକାଭାଲ ଗ୍ରାମର ଚନ୍ଦ୍ରଶେଖର ଆୟାରଙ୍କ ଔରସ ଏବଂ ମାତା ପାର୍ବତୀ ଅମ୍ମଲଙ୍କ ଗର୍ଭରୁ, ୧୮୮୮ ମସିହା ନଭେମ୍ବର ସାତ ତାରିଖରେ ଜନ୍ମିତ ଏହି ବ୍ୟକ୍ତି, ମାତ୍ର ୧୧ବର୍ଷରେ ମାଟ୍ରିକ, ୧୩ ବର୍ଷରେ ଆଇ.ଏ. ପାଶ୍ କରି, ମାନ୍ଦ୍ରାଜର ପ୍ରେସିଡେନସି କଲେଜରେ ବି.ଏ. ପଢିବା ପାଇଁ ନାମ ଲେଖାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୁଗ୍ଣ ଶରୀର ଏବଂ କମ୍ ବୟସ ପାଇଁ, ଇଂରାଜୀ ଅଧ୍ୟାପକ ଇ.ଏଚ୍. ଇଲିୟାଟଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେ ପ୍ରଶ୍ନ କରିଥିଲେ ତୁମେ କ'ଣ ଏଇ ଶ୍ରେଣୀର ପିଲା? ତାଙ୍କର ଆସ୍ତିବାଚକ ଉତ୍ତର ହାସ୍ୟ ଉଦ୍ରେକ କରିଥିଲା ସହପାଠୀମାନଙ୍କ ମଧ୍ୟରେ। ପରେ ପରେ ଅଧ୍ୟାପକଙ୍କ ସମସ୍ତ କଠିନ ପ୍ରଶ୍ନର ସ୍ପଷ୍ଟ ଏବଂ ସଠିକ୍ ଉତ୍ତରରେ ସ୍ତବ୍ଧ ହୋଇଯାଇଥିଲା ସମଗ୍ର ପରିବେଶ। ଯେଉଁ କେତେଜଣ ଭାରତୀୟ ବୈଜ୍ଞାନିକ, ନିଜର ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି, ତନ୍ମଧ୍ୟରୁ



ରମଣ ଅନ୍ୟତମ। ଚାଟଶାଳୀରେ ବାଲ୍ୟଶିକ୍ଷାଠାରୁ ଆରମ୍ଭ କରି ପ୍ରେସିଡେନସି କଲେଜରେ ପଦାର୍ଥ ବିଜ୍ଞାନରେ ଏମ.ଏ. ପଢିବା ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ସେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏପରିକି ଏମ.ଏ. ପଢିବା ସମୟର ଦୁଇବର୍ଷରୁ ସେ ମାତ୍ର ଗୋଟିଏ ଦିନ, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଆର୍.ଏଲ୍. ଜୋନସ୍ଙ୍କ, ଆଲୋକ ଉପକରଣ ସମ୍ବନ୍ଧୀୟ ଏକ ଆଲୋଚନା ଶୁଣିବା ପାଇଁ ଯାଇଥିଲେ। ପଦାର୍ଥ ବିଜ୍ଞାନର ସମସ୍ତ କ୍ଲିଷ୍ଟ ବିଷୟକୁ, ଅଧ୍ୟାପକଙ୍କର ବିନା ସାହାଯ୍ୟରେ ଅକ୍ଲେଶରେ ବୁଝିପାରୁଥିବାରୁ, ସେ ସମୟକୁ ରମଣ, ଗବେଷଣା କାର୍ଯ୍ୟରେ ବିନିଯୋଗ କରୁଥିଲେ। ବିଜ୍ଞାନର ଆକର୍ଷଣ ଏବଂ ତତ୍ସମ୍ବନ୍ଧୀୟ ଗବେଷଣା ନିମନ୍ତେ ସମୟ ଦେବା ଯୋଗୁ ସେ ସରକାରୀ ନିଯୁକ୍ତି ପାଇଁ ଆଗ୍ରହୀ ନଥିଲେ। ପରିବାର ସଦସ୍ୟଙ୍କ ଚାପରେ, ପରୀକ୍ଷା ଦେଇ, ସେ ମାତ୍ର ୧୯ ବର୍ଷରେ, କଲିକତାରେ, ଅର୍ଥ ବିଭାଗର ସହକାରୀ ଏକାଉଂଟାଂଟ ଜେନେରାଲ ପରି ମର୍ଯ୍ୟାଦାଜନକ ପଦବୀରେ ନିଯୁକ୍ତି ପାଇଲେ। ତାଙ୍କର କର୍ତବ୍ୟନିଷ୍ଠା , ଶୃଙ୍ଖଳା ଏବଂ ସର୍ବୋପରି କର୍ମଦକ୍ଷତା ଯୋଗୁ, ଅଫିସ୍‌ରେ ସେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ, ମାତ୍ର ସେ ଏଥିରେ ସନ୍ତୁଷ୍ଟ ନଥିଲେ। ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଅଫିସ କାମକୁ ଛାଡିଦେଲେ, ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଖୁବ୍ କମ୍ ସମୟ ବିନିଯୋଗ କରି ଅବଶିଷ୍ଟ ସମୟରେ ସେ କେବଳ ଗବେଷଣାରେ ନିମଗ୍ନ ରହୁଥିଲେ। ଗବେଷଣା ପାଇଁ ସେ ଉପଯୁକ୍ତ ପରିବେଶ ଏବଂ ସହଯୋଗ ପାଇପାରୁ ନ ଥିଲେ। ଦିନେ ଅଫିସ୍‌ରୁ ଫେରିବାବେଳେ, ବଡବଜାର ଷ୍ଟ୍ରିଟ୍‌ର ଗୋଟିଏ ଘରେ, (ଭାରତୀୟ ବିଜ୍ଞାନ ସଂସଦ) ଲେଖା ସାଇନ୍‌ବୋର୍ଡଟିଏ ଝୁଲୁଥିବାର ଦେଖି, ଭାରି ଖୁସି ହୋଇଗଲେ। ଏହି ସଂସ୍ଥାର ପ୍ରତିଷ୍ଠାତା ଡକ୍ଟର ମହେନ୍ଦ୍ରଲାଲ୍ ସରକାରଙ୍କ ସହିତ ସାକ୍ଷାତ କରି, ବିଜ୍ଞାନର ଉନ୍ନତି ନିମନ୍ତେ ଉଭୟେ ଅନେକଗୁଡିଏ ଯୋଜନା ପ୍ରସ୍ତୁତ କରିଥିଲେ। ରମଣ ଯଦିଓ ଆଲୋକର ବିକିରଣ ଉପରେ ସ୍ୱତନ୍ତ୍ର ଭାବରେ ଗବେଷଣା କରୁଥିଲେ, ତଥାପି ବିଭିନ୍ନ ବାଦ୍ୟଯନ୍ତ୍ରରୁ କିପରି ବିଭିନ୍ନ ପ୍ରକାର ଶବ୍ଦ ଉତ୍ପନ୍ନ ହେଉଛି, ତା' ବିଷୟରେ ଏକ ତଥ୍ୟ ସମ୍ବଳିତ ପତ୍ର ଲଣ୍ଡନର ଧ୍ୱନି ବିଜ୍ଞାନର ଗବେଷକ ଲର୍ଡର୍‌ୟାଲେଙ୍କ ନିକଟକୁ ପଠାଇଥିଲେ। ଲର୍ଡର୍‌ୟାଲେ ଏହି ତଥ୍ୟଟିକୁ ପଢିସାରିବା ପରେ, ରମଣଙ୍କୁ ଉଚ୍ଚ ପ୍ରଶଂସା କରି ଏକ ଉତର ପତ୍ର ପଠାଇଥିଲେ, ଯାହାକୁ ଦେଖି ଭାରତର ବୈଜ୍ଞାନିକ ଏବଂ ଜ୍ଞାନୀ ଲୋକମାନେ, ରମଣଙ୍କ ପରି ୨୦/୨୧ବର୍ଷର ଜଣେ ଯୁବକ ଯେ ଏତେ ଜ୍ଞାନର ଅଧିକାରୀ ,ଏହା କଳ୍ପନା କରିପାରି ନ ଥିଲେ। ୧୯୧୦ ମସିହାରେ, ଡାକିବାରେ ପଦୋନ୍ନତି ଯୋଗୁ ତାଙ୍କୁ କଲିକତା ଛାଡି ରେଙ୍ଗୁନ ଯିବାକୁ ପଡିଲା। ରେଙ୍ଗୁନରେ ଗବେଷଣାର ସୁବିଧା ନଥିବାରୁ, ରେଙ୍ଗୁନ ଯିବାକୁ ଅନିଚ୍ଛୁକ ଥିଲେ ବି ପରିସ୍ଥିତି ଚାପରେ ସେ ସେଠାରେ ଯୋଗଦାନ କରି ଠିକ ବର୍ଷକ ପରେ ପୁଣି କଲିକତାକୁ ବଦଳି ହୋଇ ଆସିଲେ। ଇତ୍ୟବସରରେ ତାଙ୍କର କେତେକ ମୌଳିକ ଲେଖା ନିମନ୍ତେ, ବୈଜ୍ଞାନିକ ହିସାବରେ ସେ ଖ୍ୟାତିଲାଭ କରିସାରିଥିଲେ। ଅର୍ଥ ବିଭାଗର ଅଧିକ ବେତନର ମୋହ ତ୍ୟାଗକରି, ବିଜ୍ଞାନର ନିଶା ଯୋଗୁ, ସେ କଲିକତା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ। ଯଦି ସେ ଅର୍ଥ ବିଭାଗର ଚାକିରି ପରିତ୍ୟାଗ କରି, ବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ କରି ନ ଥା'ନ୍ତେ, ତେବେ ଭାରତବର୍ଷ, ତାଙ୍କ ପରି ବିଶ୍ୱବନ୍ଦିତ ନୋବେଲ ବିଜୟୀ ବୈଜ୍ଞାନିକଙ୍କୁ ପାଇବାର ସୁଯୋଗ ହରାଇଥା'ନ୍ତା ବୋଲି ମତପୋଷଣ କରିଥିଲେ, ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ। ୧୯୦୬ରେ ବି.ଏ. ପଢୁଥିବା ସମୟରେ ମାତ୍ର ୧୮ ବର୍ଷ ବୟସରେ , ତାଙ୍କ ଦ୍ୱାରା ଲିଖିତ "ଆଲୋକର ବିଚ୍ଛୁରଣ" ନାମକ ଏକ ବିଜ୍ଞାନ ସନ୍ଦର୍ଭ, ଫିଲୋସଫିକାଲ ନାମକ ଏକ ବ୍ରିଟିଶ୍ ଜର୍ନାଲରେ ପ୍ରକାଶିତ ହୋଇଥିଲା। ୧୯୨୮ ମସିହା ଫେବୃଆରୀ ୨୮ ତାରିଖରେ ସେ ଆଲୋକର ବିକିରଣ ସମ୍ବନ୍ଧୀୟ ଏକ ଚମତ୍କାର ତଥ୍ୟ ଉପସ୍ଥାପନା କରିଥିଲେ, ଯାହାକି "ରମଣ ଇଫେକ୍ଟ"ନାମରେ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ ଏହି ଦିବସଟିକୁ ଭାରତ ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ "ଜାତୀୟ ବିଜ୍ଞାନ ଦିବସ" ରୂପେ ପାଳନ କରାଯାଉଅଛି। ଫ୍ରାନସ୍ ବୈଜ୍ଞାନିକ ଜେ. କାବାନେସ, ଜର୍ମାନ ବୈଜ୍ଞାନିକ ପି. ପ୍ରିଙ୍ଗସେ ଓ ଭାରତର ଏଲ୍.ଏ. ରାମଦାସ ରମଣଙ୍କ ସନ୍ଦର୍ଭକୁ "ରମଣ ସିଦ୍ଧାନ୍ତ" ନାମରେ ବିଶ୍ୱବିଖ୍ୟାତ କରାଇଥିଲେ ଏବଂ ଏହି ସିଦ୍ଧାନ୍ତ ପାଇଁ ସେ ୧୯୩୦ ମସିହାରେ ନୋବେଲ ପୁରସ୍କାର ପାଇଥିଲେ। ୧୯୩୩ ମସିହାରେ ବାଙ୍ଗାଲୋରସ୍ଥିତ, ଇଣ୍ଡିଆନ ସୋସାଇଟି ଅଫ ସାଇନସ୍‌ର ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବରେ ଯୋଗଦାନ କରିଥିଲେ। ସେହିବର୍ଷ ସେଠାରେ ସେ, ଇଣ୍ଡିଆନ ଆକାଡେମୀ ଅଫ ସାଇନସ ନାମକ ଏକ ଅନୁଷ୍ଠାନ ସ୍ଥାପନା କରିଥିଲେ। ୧୯୪୮ରେ ତାଙ୍କ ଦ୍ୱାରା "ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ" ସ୍ଥାପିତ ହୋଇଥିଲା, ଯେଉଁଠାରେ ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ଜୀବନକାଳ ମଧ୍ୟରେ ରମଣ ଅନେକ ସମ୍ମାନ ଓ ପୁରସ୍କାର ପାଇଥିଲେ, ତନ୍ମଧ୍ୟରୁ ୧୯୧୨ରେ କର୍ଜନ ରିସର୍ଚ୍ଚ ଆୱାର୍ଡ, ୧୯୧୩ରେ ଉଡବର୍ନ ରିସର୍ଚ୍ଚ ମେଡାଲ, ୧୯୨୯ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ନାଇଟ ଉପାଧି, ସେହିବର୍ଷ ଭାରତର ପ୍ରଥମ ବୈଜ୍ଞାନିକ ଭାବରେ ନୋବେଲ ପୁରସ୍କାର ଏବଂ ଲଣ୍ଡନର ରୟାଲ ସୋସାଇଟିରୁ ହ୍ୟୁଜସ୍ ପଦକ, ୧୯୪୧ରେ ଫିଲାଡେଲଫିଆସ୍ଥିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଦ୍ୱାରା ଫ୍ରାଙ୍କଲିନ ମେଡାଲ, ୧୯୫୪ରେ ଭାରତ ସରକାରଙ୍କ ଦ୍ୱାରା ଭାରତରତ୍ନ ଏବଂ ୧୯୫୭ରେ ରୁଷ ସରକାରଙ୍କ ଦ୍ୱାରା ଲେନିନ୍ ପୁରସ୍କାର ଇତ୍ୟାଦି ଅନେକ ସମ୍ମାନ ପାଇଥିଲେ। ବିଜ୍ଞାନ କ୍ଷେତ୍ରରେ ରମଣଙ୍କ ଦକ୍ଷତା ଓ ଅବଦାନ, ବିଶ୍ୱସ୍ତରରେ ଭାରତୀୟ ବୈଜ୍ଞାନିକମାନଙ୍କ ସମ୍ମାନ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇପାରିଥିଲା। ୧୯୬୯ ମସିହା ଅକ୍ଟୋବର ମାସରେ ଗବେଷଣାଗାରରେ କାର୍ଯ୍ୟରତ ଥିବା ସମୟରେ ସେ ହୃତ୍‌ଘାତର ଶିକାର ହୋଇଥିଲେ। ଚିକିତ୍ସା ଫଳରେ ସେ ଆଉ କିଛିଦିନ ବଂଚି ରହିଥିଲେ, କିନ୍ତୁ ୧୯୭୦ ମସିହା ନଭେମ୍ବର ମାସ ୨୧ ତାରିଖ ଦିନ ଭାରତର ବିଜ୍ଞାନାକାଶରୁ ଏହି ଉଜ୍ଜ୍ୱଳତମ ନକ୍ଷତ୍ର ସବୁଦିନ ପାଇଁ ଅସ୍ତ ହୋଇଯାଇଥିଲା। ମୃତ୍ୟୁ ପୂର୍ବରୁ, ତାଙ୍କ ବିଜ୍ଞାନ ଆକାଡେମୀର ଜର୍ନାଲଟିକୁ ଚଳାଇ ରଖିବା ନିମନ୍ତେ ସେ ତାଙ୍କର ଜଣେ ପ୍ରାକ୍ତନ ଛାତ୍ରଙ୍କୁ ଅନୁରୋଧ କରିଥିଲେ। ତାଙ୍କର ଶେଷଇଚ୍ଛା ଅନୁଯାୟୀ, ତାଙ୍କ ମରଶରୀରକୁ ବିନା କୌଣସି ଆଡ଼ମ୍ବରରେ, "ରମଣ ଗବେଷଣା କେନ୍ଦ୍ର"ର ହତା ମଧ୍ୟରେ ସମାଧି ଦିଆଯାଇଥିଲା।

ପ୍ରଦୀପ୍ତ ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଇଶାଣୀବ୍ରହ୍ମପୁର, କଟକ। ମୋ-୬୩୭୨୫୯୩୨୨୦

# ସତ୍ୟବାଦୀର ସନ୍ଥ ପଣ୍ଡିତ ନୀଳକଣ୍ଠ

ହିମାଂଶୁଶେଖର ଆଚାର୍ଯ୍ୟ



ସତ୍ୟବାଦୀ ଯୁଗର ପଞ୍ଚସଖା ନିଜ ନିଜର ବ୍ୟକ୍ତିତ୍ୱ ବଳରେ ଯେଉଁ ପ୍ରତିଷ୍ଠା ଲାଭ କରିଥିଲେ ତାହା ଅବିସ୍ମରଣୀୟ ହୋଇ ରହିଛି । ସେମାନଙ୍କ ଉତ୍ସର୍ଗୀକୃତ ଜୀବନ, ସାଧନା ଓ ତ୍ୟାଗ ଜନମାନସରେ ଅମ୍ଳାନ ଜ୍ୟୋତି ଭାବେ ଲିପିବଦ୍ଧ ହୋଇ ରହିବ, ଏହା ନିଃସନ୍ଦେହ । ଏହିପରି ଜଣେ ନୀତିନିଷ୍ଠ ଆଚାର୍ଯ୍ୟ, ସାମ୍ବାଦିକ, ସଂସ୍କାରକ, ସାହିତ୍ୟିକ, ଗବେଷକ, ଆଦର୍ଶ ରାଜନୀତିଜ୍ଞ ଓ ସର୍ବୋପରି ଭଗବତ୍ ଗୀତାର ଭାଷ୍ୟକାର ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ଉଭୟ ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସେ ଅସାଧାରଣ ପ୍ରତିଭାର ପରିଚୟ ଦେଇଥିଲେ । ପଣ୍ଡିତ ଉପାଧି ପ୍ରକୃତରେ ତାଙ୍କୁ ହିଁ ଶୋଭା ପାଉଥିଲା । ଆଜୀବନ ପାଣ୍ଡିତ୍ୟର ଗାରିମା ରକ୍ଷାକରିଥିଲେ ସେ ।

ଏହି ଯୋଗଜନ୍ମା ସାଧକ ୧୮୮୪ ମସିହା ଅଗଷ୍ଟ ୫ ତାରିଖରେ ପୁରୀ ଜିଲ୍ଲାର ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ପିତା ଥିଲେ ଆନନ୍ଦ ଦାଶ ଓ ମାତା ହୀରା ଦେବୀ । ତାଙ୍କ ମେଧାଶକ୍ତି ଥିଲା ଅତୁଳନୀୟ । ପରିବାରର ଆର୍ଥିକ ଦୁଃସ୍ଥିତି ତାଙ୍କ ପ୍ରତିଭାର କଣ୍ଠରୋଧ କରିପାରି ନ ଥିଲା । ଅସୀମ ମନୋବଳ ଓ କଠୋର ଅଧ୍ୟବସାୟ ଯୋଗୁଁ ସେ ଉନ୍ନତିର ଚରମ ସୋପାନରେ ପହଞ୍ଚି ପାରିଥିଲେ । ଘରେ ପରିବାରର ଆଦର୍ଶ, ଶିକ୍ଷାଗୁରୁ ଚନ୍ଦ୍ରମୋହନ ମହାରଣା, ବଙ୍ଗ ଭଙ୍ଗ ଆନ୍ଦୋଳନର ନେତା ଶଶୀଭୂଷଣ ଚୌଧୁରୀ, ଦେଶପ୍ରାଣ ରାମଚନ୍ଦ୍ର ଦାଶଙ୍କ ପ୍ରଭାବ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରେରଣା ଏବଂ ସାହଚର୍ଯ୍ୟ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ଆଉ ତା'ପରର ଘଟଣା ଥିଲା ଏକ ସ୍ୱର୍ଣ୍ଣାଭ ଇତିହାସ । କଲେଜ ଶିକ୍ଷା ଶେଷ ପରେ ଦେଶ ଓ ଜାତିକୁ ଗଢିବା ନିମନ୍ତେ ସେ ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗଦାନ କରି ନିଜର କର୍ମମୟ ଜୀବନର ଶୁଭାରମ୍ଭ କରିଥିଲେ ।

ଅସାଧାରଣ ବିଦ୍‌ବତ୍ତାର ଅଧିକାରୀ ଥିଲେ ନୀଳକଣ୍ଠ । ଓଡ଼ିଶା ମାଟିରେ ଗୁଡିଏ ମଣିଷ ତିଆରି ହୋଇଯାଆନ୍ତୁ-ଏହାହିଁ ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାଶ୍ ପରେ ସେ ଚାହିଁଥିଲେ ଅନେକ ବଡ ଚାକିରୀ କରିପାରିଥାଆନ୍ତେ । ମାତ୍ର ଅତୀତର ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ମାତ୍ର ତିରିଶ ଟଙ୍କା ବେତନରେ ସେ ୧୯୧୨ ମସିହାରେ ସତ୍ୟବାଦୀ ବନବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗଦାନ କରିଥିଲେ । ଗୁରୁକୁଳ ଆଶ୍ରମର ସକଳ ସ୍ମାରକୀ ବହନ କରୁଥିବା ବନବିଦ୍ୟାଳୟର କାର୍ଯ୍ୟ ପ୍ରତିଭାତ ହୋଇଥିଲା ତାଙ୍କ ସ୍ୱକୀୟ ପ୍ରତିଭାରେ । ଜ୍ଞାନଦୀପ୍ତରେ ଭରା ଚକ୍ଷୁ ଦୁଇଟି ତାଙ୍କର ଓଜସ୍ୱିନୀ ପ୍ରତିଭାର ନିଚ୍ଛକ ପ୍ରତିଛବି ଥିଲା । ଏହି ବିଦ୍ୟାଳୟ ସୁପରିଚାଳନାରେ ତାଙ୍କ ସହିତ ସହଯୋଗ କରିଥିଲେ ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ଲିଙ୍ଗରାଜ ମିଶ୍ରଙ୍କ ପରି ବିଦ୍ୱାନ ବ୍ୟକ୍ତିଗଣ । ଏମାନଙ୍କ ସମ୍ମିଳିତ କର୍ମନିଷ୍ଠା, ହାର୍ଦ୍ଦିକ ସହଯୋଗ ଓ ଏକନିଷ୍ଠ ସାଧନା ଫଳରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ଓ ପ୍ରସିଦ୍ଧି ଲାଭ କରିଥିଲା ।

ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ ସଂସ୍କାରକ । ବାଲ୍ୟରୁ ସଂସ୍କାର ପ୍ରବୃତ୍ତି ତାଙ୍କ ଶିରା ପ୍ରଶିରାରେ ପ୍ରବାହିତ ହେଉଥିଲା । ତେଣୁ ବ୍ୟକ୍ତିଠାରୁ ନୀତିକୁ ସେ ବେଶୀ ଗୁରୁତ୍ୱ ଦେଉଥିଲେ । ଥରେ ସେ ଯାହା ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ ପରିଣତ କରି ଦେଖାଉଥିଲେ । କୌଣସି ପରିସ୍ଥିତିରେ ସେ ସେଥିରୁ ଓହରି ଯାଉ ନ ଥିଲେ । ସେତେବେଳେ ବ୍ରାହ୍ମଣ ସମାଜରେ ଦାଢି କାଟି ନିଶ ରଖିବା ମନା ଥିଲା । ଏହାର ପ୍ରତିବାଦ କରି ନୀଳକଣ୍ଠ ଓ ଗୋଦାବରୀଶ ଦାଢି କାଟି ନିଶ ରଖିଥିଲେ । ଯାହାକି ସେତେବେଳେ "ନିଶ ଆନ୍ଦୋଳନ" ନାମରେ ପରିଚିତ । ସେଥିପାଇଁ ତାଙ୍କୁ ଶାସନୀ ବ୍ରାହ୍ମଣ ସମାଜ ଦ୍ୱାରା ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା । ମାତ୍ର ସେଥିପ୍ରତି ଭୃକ୍ଷେପ ନଥିଲା ତାଙ୍କର । ପରେ ସେ ଦାଢି ରଖିଲେ । ବ୍ରାହ୍ମଣମାନଙ୍କର ଦୌରାତ୍ମ୍ୟକୁ ପ୍ରତିବାଦ କରିବାକୁ ଯାଇ ସେ "ମୋ ନିଶ" ଭଳି ପ୍ରବନ୍ଧ ରଚନା କରି ଧର୍ମ ନାମରେ ବ୍ରାହ୍ମଣମାନଙ୍କର ତଥାକଥିତ ଆଚରଣକୁ ତୀବ୍ର ବିଦ୍ରୂପ କରିଥିଲେ । ଏପରିକି ନୀଳକଣ୍ଠ ଜାତିଭେଦ ମାନୁ ନଥିଲେ । ବନବିଦ୍ୟାଳୟର ଛାତ୍ରାବାସରେ ସେ ଛାତ୍ରଛାତ୍ରୀଙ୍କ ମନରୁ ଭେଦଭାବର ପାଚେରୀକୁ ଭାଙ୍ଗି ଦେଇଥିଲେ । ଜଣେ ସଂସ୍କାରକ ଭାବେ ଏପରି ପ୍ରବୃତ୍ତିରୁ ନିବୃତ୍ତ ରହିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରୁଥିଲେ।

ନୀଳକଣ୍ଠଙ୍କର ସୃଜନଶୀଳତାର ଚଉହଦୀ ବେଶ୍ ପ୍ରସାରିତ ଥିଲା । ସେ ଥିଲେ ଜଣେ ଉଚ୍ଚକୋଟୀର ସାହିତ୍ୟ ଗବେଷକ ଓ ସମୀକ୍ଷକ । ଓଡ଼ିଆ ସମାଲୋଚନା ସାହିତ୍ୟ ମଧ୍ୟରେ ଲାବଣ୍ୟବତୀ କାବ୍ୟ, ଫକୀରମୋହନ ଓ ଓଡ଼ିଆ ଉପନ୍ୟାସ ଇତ୍ୟାଦି ତାଙ୍କ ସାରସ୍ୱତ ପ୍ରତିଭାର ମୂଲ୍ୟାୟନ କରେ । ସବୁଠୁ ବଡକଥା ହେଲା ଶିଶୁ, ପଲ୍ଲୀ ଜନତା ଓ ବୁଦ୍ଧିଜୀବୀ ଏହିପରି ସବୁବର୍ଗର ଲୋକଙ୍କ ପାଇଁ ନୀଳକଣ୍ଠ ସାହିତ୍ୟ ରଚନା କରିଥିଲେ । ଜଣେ ଉଚ୍ଚ ମାନର ପ୍ରାବନ୍ଧିକ ଭାବରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା । ସେ ଲେଖିଥିବା ପ୍ରବନ୍ଧ ଭିତରେ ମୋ ନିଶ, ନୀତି ଓ ପ୍ରକୃତି, ଇଂରାଜୀ ଶିକ୍ଷାର ମୋହ, ଯୌବନର ପ୍ରଭାବ ଓ ପ୍ରତିଷ୍ଠା ଆଦି ଉଲ୍ଲେଖଯୋଗ୍ୟ । ସବୁଠୁ ଉର୍ଦ୍ଧ୍ୱରେ ଥିଲା ତାଙ୍କର ସ୍ୱଦେଶ ଭାବନା ଓ ଚିନ୍ତା । "ସଂସ୍କୃତ ଓ ସଂସ୍କୃତି" ଗ୍ରନ୍ଥ ପଢିଲେ ତାଙ୍କ ଅଗାଧ ପାଣ୍ଡିତ୍ୟର ପ୍ରମାଣ ମିଳେ, ଏଥିରେ ଦ୍ୱିରୁକ୍ତି ନାହିଁ । ଖାଲି ସେତିକି ନୁହେଁ, ନୀଳକଣ୍ଠଙ୍କର "ମୋ ରଜା" କବିତା ଏବେ ମଧ୍ୟ ଆବାଳବୃଦ୍ଧବନିତାଙ୍କୁ ଆମୋଦିତ କରେ । ସେହିପରି ଗୀତା ଭଳି ପବିତ୍ର ଗ୍ରନ୍ଥର ସୁନାମଧନ୍ୟ ଭାଷ୍ୟକାର ରୂପେ ସେ ପ୍ରତିଷ୍ଠା ଅର୍ଜନ କରିପାରିଥିଲେ ।

ଜଣେ ସଚ୍ଚା ସ୍ୱାଧୀନତା ସଂଗ୍ରାମୀ ଭାବେ ନୀଳକଣ୍ଠଙ୍କର ନିଆରା ପରିଚୟ ଥିଲା । ସେହିପରି ଦୀର୍ଘଦିନ ଧରି ଓଡ଼ିଶା ରାଜନୀତିରେ ମଧ୍ୟ ସକ୍ରିୟ ଥିଲେ । ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ସମୟରେ ସେ ଦେଶ ପାଇଁ କାରାବରଣ କରିଥିଲେ । ନୀଳକଣ୍ଠ ବହୁଦିନ ଯାଏ ଓଡ଼ିଶା କଂଗ୍ରେସର ମୁଖ୍ୟ ପୁରୋଧା ଥିଲେ । ଏପରିକି ୧୯୩୮ ମସିହାରେ ସେ ଉତ୍କଳ କଂଗ୍ରେସ କମିଟିର ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ବହୁବାର ସେ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ଥିଲେ । ୧୯୨୭ ମସିହା ଫେବୃଆରୀ ମାସ ୮ ତାରିଖରେ କେନ୍ଦ୍ର ଆସେମ୍ବ୍ଲିରେ ଓଡ଼ିଆ ଭାଷା ଅଞ୍ଚଳଗୁଡିକର ଏକତ୍ରିକରଣ ପାଇଁ ପ୍ରସ୍ତାବ ରଖିଥିଲେ । ୧୯୫୭ ମସିହାରେ ପଣ୍ଡିତ ନୀଳକଣ୍ଠ କଂଗ୍ରେସ ପ୍ରାର୍ଥୀ ଭାବେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଓ ଓଡ଼ିଶା ବିଧାନସଭାରେ ବାଚସ୍ପତି ପଦ ଗ୍ରହଣ କରିଥିଲେ । ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପଦ ଅଳଙ୍କୃତ କରି ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇଥିଲେ । ପତ୍ରିକା ସମ୍ପାଦନାରେ ତାଙ୍କର ଦକ୍ଷତା ଅତୁଳନୀୟ ଥିଲା । ଗୋପବନ୍ଧୁଙ୍କ ମୃତ୍ୟୁ ପରେ ପଣ୍ଡିତ ନୀଳକଣ୍ଠ 'ସମାଜ' ସମ୍ପାଦନା ଦାୟିତ୍ୱ ନେଇଥିଲେ । 'ସମାଜ' ସହିତ ସେ 'ନବଭାରତ' ପତ୍ରିକାର ସମ୍ପାଦନା କରିଥିଲେ, ଯାହାକୁ ପରବର୍ତ୍ତୀ କାଳରେ 'ସମାଜ' ଅନୁଷ୍ଠାନକୁ ଦାନ କରିଥିଲେ ।



ଅନେକ ପୁରସ୍କାର ଓ ସମ୍ମାନ ଆପେ ଆପେ ଆସିଛି ତାଙ୍କ ପାଖକୁ । ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପଣ୍ଡିତ ନୀଳକଣ୍ଠଙ୍କୁ ଡି.ଲିଟ୍ ଉପାଧି ପ୍ରଦାନ କରାଯାଇଥିଲା । ୧୯୫୧ ମସିହାରେ ନୀଳକଣ୍ଠଙ୍କୁ 'ଉତ୍କଳଗୁରୁ' ଉପାଧିରେ ଭୂଷିତ କରାଯାଇଥିଲା । ୧୯୫୮ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଥିଲେ । ୧୯୬୩ ମସିହାରେ 'ଆତ୍ମଜୀବନୀ' ନିମନ୍ତେ ତାଙ୍କୁ ଭାରତୀୟ ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏତେସବୁ ସମ୍ମାନର ଅଧିକାରୀ ହୋଇ ମଧ୍ୟ ଗର୍ବ ଓ ଅହଙ୍କାର ତାଙ୍କୁ ସ୍ପର୍ଶ କରି ନ ଥିଲା । ବାସ୍ତବିକ୍ ସେ ଥିଲେ ଏକ ଫଳନ୍ତି ଜ୍ଞାନବୃକ୍ଷ, ଯିଏକି ଜ୍ଞାନଭାରରେ ନଇଁ ପଡୁଥିଲେ ।

ଉତ୍କଳମାତାର ଏହି ପ୍ରତିଭାଦୀପ୍ତ ମଣିଷ ଆଜି ଆମ ଗହଣରେ ନାହାଁନ୍ତି । ୧୯୬୭ ମସିହା ନଭେମ୍ବର ମାସ ୬ ତାରିଖରେ ତାଙ୍କ ଜୀବନଦୀପ ନିର୍ବାପିତ ହୋଇଯାଇଛି । ହେଲେ ତାଙ୍କ ଚିନ୍ତା, ଚେତନା ଓ ଆଦର୍ଶ ଅବିସ୍ମରଣୀୟ ହୋଇ ରହିଛି ଓ ରହିଥିବ।

-ଜଗତସିଂହପୁର, ମୋ-୯୩୩୭୨୨୧୯୨୪

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ



ଆମ ଦେଶର ଜାତିଗତ ବିବାଦ ସଂପର୍କୀୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚ-ାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା । ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା । ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧି କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୫୩୪) । ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ, ୨୩-ଇଷ୍ଟର୍ଣ୍ଣ ଅର୍ଥୋଡସ୍କ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics,Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

ଡାଃ ସୁରେନ୍ଦ୍ର ନାଥ ଦାଶ, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮୬

# ମହାକାଳୀ ଓ ଶ୍ରୀଜଗନ୍ନାଥ



ସନାତନ ହିନ୍ଦୁ ସଂସ୍କୃତିରେ ଦୁଇଟି ଧାରାର ପରିଚୟ ମିଳେ- ବୈଦିକ ଓ ତାନ୍ତ୍ରିକ। ବେଦରେ ଯେ ପରମାତ୍ମା ବ୍ରହ୍ମ, ତନ୍ତ୍ରରେ ସେ ମହାମାୟା ଆଦ୍ୟାଶକ୍ତି। ପ୍ରଥମଟି ପୁରୁଷ ଆରୋପିତ ହୋଇଥିଲାବେଳେ ଦ୍ୱିତୀୟଟି ମାତୃ-ପ୍ରଧାନ। ବେଦ, ବେଦାନ୍ତରେ ଦୃଶ୍ୟମାନ ଓ ଅଦୃଶ୍ୟ ସୃଷ୍ଟିର ମୂଳ ଉତ୍ସ ଓ ସମସ୍ତ ବସ୍ତୁର ଶେଷ ଭଗ୍ନାଂଶ ହିଁ ନିରନ୍ଧ୍ର ଭାବରେ ସର୍ବତ୍ର ପରିବ୍ୟାପ୍ତ ବ୍ରହ୍ମ ବୋଲି ନାନାଭାବରେ ସ୍ୱୀକୃତ ହୋଇଛି ଯଥା-*''ଯତୋବା ଇମାନି ଭୂତାନିଯାୟନ୍ତେ। ଘେନ ଯାତାନ୍ତ ଜୀବନ୍ତ।। ଯତ୍ ପ୍ରୟନ୍ତ୍ୟ ଭିସଂବିଷନ୍ତି। ତଦ୍ୱି ଜିଜ୍ଞାସସ୍ୱ ତଦ୍ ବ୍ରହ୍ମତି।।''* ଅର୍ଥାତ୍, ଯାହାଙ୍କଠାରେ ଏହି ପରିଦୃଶ୍ୟମାନ ସଚରାଚର ଜଗତ ଉତ୍ପନ୍ନ ହୋଇ, ଯାହାଙ୍କ ଦ୍ୱାରା ପ୍ରାଣ ଧାରଣ କରୁଅଛି ଏବଂ ଶେଷରେ ଯାହାଙ୍କଠାରେ ସମସ୍ତେ ନିବିଷ୍ଟ ହୁଅନ୍ତି, ତାଙ୍କୁ ଜାଣିବାକୁ ଇଚ୍ଛା କର-ସେ ହିଁ ବ୍ରହ୍ମ। ତେବେ ବେଦ ବେଦାନ୍ତରେ "ସର୍ବ -ଖାଲିଦଂ ବ୍ରହ୍ମ" ବା " ଏକୋ ବ୍ରହ୍ମ ଦ୍ୱିତୀୟୋ ନାସ୍ତି" ବୋଲି ପ୍ରାମାଣିକତା ଥିବାବେଳେ, ତନ୍ତ୍ର ମତରେ ଆଦ୍ୟାଶକ୍ତି ମହାମାୟା ହିଁ ଏକ ଓ ଅଦ୍ୱିତୀୟ ବୋଲି ସ୍ୱୀକୃତ ହୋଇଛନ୍ତି। ତନ୍ତ୍ରର ସର୍ବଶ୍ରେଷ୍ଠ ଆଲେଖ୍ୟ -ଶ୍ରୀଦୁର୍ଗା ସପ୍ତଶତୀରେ ସ୍ୱୟଂ ଆଦ୍ୟାଶକ୍ତି ଦେବତାମାନଙ୍କୁ ନିଜର ପରିଚୟ ପ୍ରଦାନ କରିଛନ୍ତି- ମୁଁ ବ୍ରହ୍ମ ସ୍ୱରୂପ ଅଟେ। ମୋ'ଠାରୁ ପ୍ରକୃତି-ପୁରୁଷାତ୍ମକ, ସଦ୍‌ରୂପ ଓ ଅସଦ୍‌ରୂପ ଜଗତ୍ ଉତ୍ପନ୍ନ ହୋଇଛି। ମୁଁ ଆନନ୍ଦ ଓ ନିରାନନ୍ଦ, ମୁଁ ବିଜ୍ଞାନ ଓ ଅବିଜ୍ଞାନ। ମୁଁ ଜ୍ଞାତବ୍ୟ ବ୍ରହ୍ମ ଓ ଅବ୍ୟକ୍ତ ମଧ୍ୟ। ପଞ୍ଚୀକୃତ ମହାଭୂତ ମୁଁ ଅଟେ। ଏହି ସାରା ଦୃଶ୍ୟମାନ ଜଗତ ମୁଁ। ବେଦ ଓ ଅବେଦ ମୁଁ ଅଟେ। ବିଦ୍ୟା ଓ ଅବିଦ୍ୟା ମଧ୍ୟ ମୁଁ। ଅଜା ଓ ଅନଜା (ପ୍ରକୃତି ଓ ତା'ଠାରୁ ଭିନ୍ନ) ବି ମୁଁ। ମୁଁ ଊର୍ଦ୍ଧ୍ୱ, ଅଧଃ ଓ ସବୁକୋଣରେ ବିଦ୍ୟମାନ। ବେଦର ବ୍ରହ୍ମ ଓ ତାଙ୍କ ଅନ୍ତର୍ନିହତ ମାୟା ଶକ୍ତି ଏବଂ ତନ୍ତ୍ରର ଆଦ୍ୟାଶକ୍ତି ଓ ତାଙ୍କ ଆଧାର ଶିବ ଏକ ଓ ଅଭିନ୍ନ। ଉଭୟେ ପରସ୍ପରର ପରିପୂରକ। ଅନନ୍ତ ମହାଶୂନ୍ୟର ବ୍ରହ୍ମ ଓ ଶକ୍ତିଙ୍କ ଅଧାଅଧି ନେଇ ଏଇଠି ଅର୍ଦ୍ଧନାରୀଶ୍ୱର କଳ୍ପିତ ହୋଇଛନ୍ତି। ଅର୍ଥାତ୍ ବ୍ରହ୍ମ ଉଭୟଲିଙ୍ଗୀ। ବିଦ୍ୟୁତ୍ ଶକ୍ତି ପରି ଏହି ମହାଜାଗତିକ ଶକ୍ତି ବା ବ୍ରହ୍ମ ଶକ୍ତି ଉଭୟ ଶୁଭ ଓ ଅଶୁଭ କର୍ମ, ଆବଶ୍ୟକତାନୁଯାୟୀ କରିପାରେ, ଯାହାକୁ ବେଦ କହେ-*"ଶୁଭାଶୁଭାତ୍ମିକା ଯାତୁ ଦୈବ ସୃଷ୍ଟି ପ୍ରଶସ୍ୟତେ।"* ପରିଶେଷରେ ଆମର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ପରଂବ୍ରହ୍ମଙ୍କ ପ୍ରତୀକ। ତାଙ୍କୁ ଯିଏ ଯେଉଁ ଭାବରେ ଗ୍ରହଣ କରିଛି, ତାଙ୍କୁ ଯିଏ ସେହି ଭାବରେ ଉପଲବ୍ଧି ହୋଇଛନ୍ତି। ବୈଷ୍ଣବ, ଶୈବ, ଶାକ୍ତ, ସୌର, ଗାଣପତ୍ୟ ମତାବଲମ୍ବୀମାନେ ଏବଂ ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନେ ତାଙ୍କୁ ନିଜ ନିଜର ଦେବତା ବୋଲି ପ୍ରତିପାଦନ କରିଛନ୍ତି। ନାନାମୁନି, ନାନାମତର ବହୁରଙ୍ଗୀ ପୁଷ୍ପରେ ସେ ସୁଶୋଭିତ। *''ସର୍ବରୂପମୟୋ ଦ୍ୱେଷ ସର୍ବମନ୍ତ୍ରମୟ ପ୍ରଭୁଃ। ଆରାଧ୍ୟତେ ଯଥାଯେନ ତଥାତସ୍ୟ ଫଳପ୍ରଦଃ।।''* ଅର୍ଥାତ, ପ୍ରଭୁ ଜଗନ୍ନାଥ ସବୁରୂପ ଓ ସମସ୍ତ ମନ୍ତ୍ରର ସମାହାର। ଯିଏ ଯେଉଁ ପ୍ରକାରେ ଆରାଧନା କରେ, ତାଙ୍କୁ ସେହି ପ୍ରକାରେ ସେ ଫଳ ପ୍ରଦାନ କରନ୍ତି। ତେବେ ଶ୍ରୀମନ୍ଦିର ରତ୍ନସିଂହାସନରେ ଶ୍ରୀଯନ୍ତ୍ର କଟାଯାଇ ତା' ଉପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆସ୍ଥାନ। ତାଙ୍କ ପୂଜା ମନ୍ତ୍ରରେ ହ୍ରୀଂ କ୍ଲୀଂ ଆଦି ତାନ୍ତ୍ରିକ ବୀଜ ମନ୍ତ୍ରର ପ୍ରୟୋଗ ଏବଂ ପ୍ରତୀକାତ୍ମକ ପଞ୍ଚ 'ମ' କାର ପୂଜାବିଧି ଜଗନ୍ନାଥଙ୍କୁ ଶାକ୍ତ ଦେବତା ବୋଲି ପ୍ରମାଣିତ କରେ। ଯେହେତୁ ବ୍ରହ୍ମ ଓ ଆଦ୍ୟାଶକ୍ତି ଏକ, ଅଭିନ୍ନ ଓ ଉଭୟଲିଙ୍ଗୀ (ଶ୍ରୀଜଗନ୍ନାଥ ଓଁକାରରୂପୀ ପ୍ରଣବ ପ୍ରତିପାଦିତ ବ୍ରହ୍ମ ଓ ହ୍ଲୀଂକାର ରୂପିଣୀ ଆଦ୍ୟାଶକ୍ତି ମଧ୍ୟ) ଏବଂ ସୃଷ୍ଟିର ଆରମ୍ଭରୁ ତ୍ରିଗୁଣମୟୀ ଆଦ୍ୟାଶକ୍ତି ନିଜକୁ ସତ୍ତ୍ୱ, ରଜ ଓ ତମଗୁଣ କ୍ରମରେ ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀରେ ବିଭକ୍ତ କରିଛନ୍ତି। ଶକ୍ତି ପୂଜକମାନେ ସେହି ଆଦ୍ୟାଶକ୍ତିଙ୍କ ବିଭୂତି ମହାସରସ୍ୱତୀ ବା ତାରା, ମହାଲକ୍ଷ୍ମୀ ଓ ମହାକାଳୀରେ ବା ଦକ୍ଷିଣକାଳୀ ରୂପେ ଯଥାକ୍ରମେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଗ୍ରହଣ କରିଛନ୍ତି। ଜଗନ୍ନାଥଙ୍କ କଳାଶ୍ରୀମୁଖର ତ୍ରିକୋଣୀ ନାକରେ ବସୁଣୀ ପିନ୍ଧାଇ ଦକ୍ଷିଣ କାଳୀ ରୂପେ କଳିଯୁଗରେ ଶୀଘ୍ର ଫଳପ୍ରଦାନର ମାନ୍ୟତା ଦେଇଛନ୍ତି।

-ବୈକୁଣ୍ଠନାଥ ମହାପାତ୍ର



# ମୋ ଓଡ଼ିଶା

## କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବେଳାଭୂମି ପଦଯାତ୍ରା




କୋଣାର୍କ (ପିଏନ୍)- କୋଣାର୍କ ଉତ୍ସବ-୨୦୨୧ ଅବସରରେ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ତାରିଖରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ମକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀ ନୃତ୍ୟ ସଙ୍ଗୀତର ସହାକୂମ୍ଭ ଓ ଚନ୍ଦ୍ରଭାଗାର ବେଳାଭୂମିରେ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୧ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହେଉଛି । ଏହି ଅବସରରେ ଡିସେମ୍ବର ୩ତାରିଖ ପ୍ରତ୍ୟୁଷରେ ପର୍ଯ୍ୟଟନ ବିଭାଗ ସହାୟତାରେ ଚଳିତ ବର୍ଷ ପଞ୍ଚମ ଥର ପାଇଁ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ କୋଣାର୍କ ଉତ୍ସବର ଶ୍ରୀବୃଦ୍ଧି କରିବା ଏବଂ ଉତ୍ସବକୁ ଉପଭୋଗ କରିବା ପାଇଁ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସଚେତନ କରିବାର ଲକ୍ଷ୍ୟନେଇ 'ପଲିଥିନ ମୁକ୍ତ କୋଣାର୍କ, ସ୍ୱଚ୍ଛ କୋଣାର୍କ ଓ ସୁସ୍ଥ କୋଣାର୍କ' ବାର୍ତ୍ତାକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଗତ ୩ ତାରିଖ ସକାଳ ୮ଟାରେ ଆୟୋଜିତ ହୋଇଯାଇଛି ବେଳାଭୂମି ପଦଯାତ୍ରା । ଏହି କାର୍ଯ୍ୟକ୍ରମରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ, କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, କୋଣାର୍କ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଆୟୁସ ଡାକ୍ତର ବିଦୁଭୂଷଣ ନାୟକ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହୀନୀପତି, ରାଜ୍ୟ ୱେବ ମିଡିଆ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ସତ୍ୟଖବରର ସମ୍ପାଦକ ଅକ୍ଷୟ କୁମାର ନାୟକ, ସମାଜସେବୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ସବୁଜ ପତାକା ଦେଖାଇ ବେଳାଭୂମି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ବେଳାଭୂମି ପଦଯାତ୍ରାରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଓ ସମାଜସେବୀ କୋଣାର୍କ-ପୁରୀ ବେଳାମାର୍ଗ ସ୍ଥିତ ଇକେ-ରିଟ୍ରିଟ୍ ସ୍ଥଳରୁ ବାହାରି ବିଭିନ୍ନ ଶ୍ଲୋଗାନମାନ ଦେବା ସହ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କୁ ସଚେତନ କରାଇ ଚନ୍ଦ୍ରଭାଗା ପୀଠରେ ପହଞ୍ଚି ଥିଲେ । ଏଠାରେ ଏକ ସଚେତନତା ସଭା ଆୟୋଜନ କରାଯାଇ ପଲିଥିନ ମୁକ୍ତ, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଉପସ୍ଥିତ ଅତିଥିମାନେ ମତପୋଷଣ କରିଥିଲେ । ବେଳାଭୂମି ପଦଯାତ୍ରାରେ ସାମିଲି ହୋଇଥିବା ସମସ୍ତ ପଦଯାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ମାହାମାରୀ କରୋନା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କୋଭିଡି-୧୯ର ସମସ୍ତ ନିୟମକୁ ଅନୁପାଳନ କରି ଏହି ବେଳାଭୂମି ପଦଯାତ୍ରାରେ ସ୍କୁଲ କଲେଜ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ପରିବେଶବିତଙ୍କ ସମେତ ପଦଯାତ୍ରାରେ ରୁଚି ରଖୁଥିବା ୫୦ଜଣ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ କୋଣାର୍କ ସାମ୍ବାଦିକ ସଂଘର ସଭାପତି ଜ୍ୟୋତିରାଜ ମହାନ୍ତି, ଉପସଭାପତି ଭାଗୀରଥି ସ୍ୱାଇଁ, ସମ୍ପାଦକ ମନୋରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଅଜିତ କୁମାର ମଲ୍ଲିକ, ଉପଦେଷ୍ଟା ରାଜେଶ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ମାନସ ରଞ୍ଜନ ପାତ୍ର, ସୁକାନ୍ତ ବିଶ୍ୱାଳ, ପ୍ରତାପ କୁମାର କାଣ୍ଡି, ପ୍ରଦୀପ ଛାଟୋଇ, ପ୍ରମୋଦ ଗୋଛାୟତ, ଗଣେଶ ବେହେରାଙ୍କ ସମେତ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସାମୁଦ୍ରିକ ଝଡ ଜୱାଦ ପାଇଁ କୋଣାର୍କ ଉତ୍ସବ ବାତିଲ

କୋଣାର୍କ (ପିଏନ୍)- ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ତାରିଖରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତର ସହାକୂମ୍ଭ ଓ ଚନ୍ଦ୍ରଭାଗାର ବେଳାଭୂମିରେ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷର କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ୧ ଓ ୨ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରକ ଝଡ ଜୱାଦ ପାଇଁ ୩ରୁ ୫ ପାଞ୍ଚତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାତିଲ କରାଯାଇଛି । ଏହି ସାମୁଦ୍ରିକ ଝଡ ପୁରୀ ଜିଲ୍ଲାର ତଟବର୍ତ୍ତୀ ଅଞ୍ଚଳରେ ସ୍ଥଳଭାଗ ଛୁଇଁବାର ପୂର୍ବାନୁମାନ କରାଯାଇଛି । ଫଳରେ ପବନ ସାଙ୍ଗକୁ ଜୋର ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠି ନମ୍ବର ୪୫୬୯ରେ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କ୍ଷୟକ୍ଷତିରୁ ବର୍ତ୍ତିବା ପାଇଁ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ପାଇଁ ହୋଇଥିବା ସାଜସଜା, ଆଲୋକ, ଶବ୍ଦ ଟେଣ୍ଟ ଖୋଲିବା ଆରମ୍ଭ କରିଦେଲେଣି ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସରକାର ଚାଷୀଙ୍କୁ ସଚେତନତାଠାରୁ ଆବଶ୍ୟକ ସହାୟତା ଯୋଗାଇ ଦିଅନ୍ତୁ

ଭୁବନେଶ୍ୱର (ପିଏନ୍)- ଓଡ଼ିଶା ଚାଷୀଙ୍କ ଦୁଃଖ ସରୁନି, ଚାଷୀ ଚିନ୍ତାରେ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସହ ସରକାରଙ୍କ ଘୋଷିତ ସହାୟତା ଯୋଜନା କେବଳ ପ୍ରଚାର ସର୍ବସ୍ୱ ହୋଇଛି। ଅନେକ ସମୟରେ ଚାଷୀ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଗତ ଖରିଫରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ୨୫ ପ୍ରତିଶତ ଉତ୍ପାଦନ ହ୍ରାସ ପାଇଥିବା ବେଳେ ପରବର୍ତ୍ତୀ ସମୟରେ ଅତିଶୟ ବର୍ଷା ଏବଂ ଅକ୍ଟୋବର ଓ ନଭେମ୍ବର ମାସର ଅଦିନିଆ ବର୍ଷା ଓ ଚକଡ଼ା ପ୍ରଭୃତି ପୋକ ଯୋଗୁଁ ରାଜ୍ୟର ୨୪ଟି ଜିଲ୍ଲାରେ ୩୦ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି। ଏଯାବତ୍ ଉପକୂଳବର୍ତ୍ତୀ ଜିଲ୍ଲାର ପ୍ରାୟ ୮୫ ପ୍ରତିଶତ ଓ ଆଭ୍ୟନ୍ତରିଣ ଜିଲ୍ଲାଗୁଡ଼ିକର ୪୦ ପ୍ରତିଶତ ଧାନ ଅମଳ ହୋଇନାହିଁ। ଫଳରେ ଏହା ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହେବ। ଶୀତିଦିନିଆ ପନିପରିବା ୫୦ ଭାଗ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ବିଶେଷ କରି ବର୍ତ୍ତମାନ ଆଳୁ ଆଉ ପିଆଜ ଚାଷ ବିଶେଷ ପ୍ରଭାବିତ। ପୂର୍ବାନୁମାନ ଅନୁସାରେ ୩ରୁ ୫ ତାରିଖ ମଧ୍ୟରେ ଅତିଶୟ ବର୍ଷା ହେଲେ ଉଭୟ ଚାଷୀ ଓ ରାଜ୍ୟବାସୀଙ୍କ ଅବସ୍ଥା ଅସମ୍ଭାଳ ହେବ। ସରକାର ଚାଷୀଙ୍କୁ ଏହି ବିପଦରୁ ରକ୍ଷା ପାଇବା ପାଇଁ କେବଳ ଆଗୁଆ ସଚେତନତା ପାଇଁ ସୂଚନା ପ୍ରଦାନ କଲେ ହେବ ନାହିଁ, ବରଂ ଅତ୍ୟାବଶ୍ୟକ କୃଷି ସହାୟତା ଯୋଗାଇ ଦେବା ଏବଂ ଅନୀୟମିତ ଜଳବାୟୁ ଦ୍ୱାରା କୃଷି ଉପରେ ପଡୁଥିବା ପ୍ରଭାବର ମୁକାବିଲା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଏକାନ୍ତ ଜରୁରୀ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ, ଉପାଧ୍ୟକ୍ଷ ସୁବାଷ ରାଉତ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଅତିଶୟ ବର୍ଷା ପୂର୍ବରୁ ଚାଷୀଙ୍କୁ ମାଗଣା ପଲିଥିନ୍, ବିଲରେ ଜମିବାକୁ ଥିବା ପାଣିକୁ ନିଷ୍କାସନ କରିବାର ବ୍ୟବସ୍ଥା, କ୍ଲଷ୍ଟର ଭିତ୍ତିରେ ହାର୍ଭେଷ୍ଟର ଜରିଆରେ ଧାନ କାଟିବା ଏବଂ ଏହାର ସୁରକ୍ଷିତ ପାଇଁ ଆର୍ଥିକ ସହାୟତା, ପରବର୍ତ୍ତୀ ସମୟରେ କ୍ଷୟ କ୍ଷତିର ସଠିକ୍ ଆକଳନ କରି ଚାଷୀଙ୍କୁ ବିଭିନ୍ନ ପନିପରିବା ଚାରା ଓ ବିହନ ଯୋଗାଣ, କୃଷି ଋଣ ଛାଡ଼, ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ପ୍ରଚଳିତ କୃଷି ଇନପୁଟ୍ ସହାୟତାର ୨ ଗୁଣା ବୃଦ୍ଧି ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୨୦ ହଜାର ଟଙ୍କା ନତୁବା ଏହି ଚାଷୀ ପରିବାରଙ୍କୁ ୬ ମାସ ପର୍ଯ୍ୟନ୍ତ ମାସିକ ୧୦ ହଜାର ଟଙ୍କା ସହାୟତା ଓ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଥିବା ସର୍ତ୍ତାବଳୀ ଅନୁଯାୟୀ ଆଗୁଆ କ୍ଷତିପୂରଣ ଦେବାକୁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

## କେଡିଏମ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡମଧୁପୁର ଖେଳପଡିଆରେ କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ । ଉଦଘାଟନୀ ମ୍ୟାଚରେ ଜେନାପୁର ପଂଚାୟତ ଟିମ ଅଂଟିଆ ପଂଚାୟତ ଟିମକୁ ୬ ଉଇକେଟରେ ପରାସ୍ତ କରିଛି । ଅଂଟିଆ ପଂଚାୟତ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୬୪ ରନ କରିଥିଲା । ଦଳ ପକ୍ଷରୁ ଗଣେଶ୍ୱର ସାହୁ ୩୫ ଓ ମଦନ ଦଳେଇ ୨୪ ରନ କରିଥିଲେ । ବିପକ୍ଷ ଜେନାପୁର ଟିମର ରଂଜିତ ବରାଳ ୨ଟି ଓ ପ୍ରଶାନ୍ତ ପୃଷ୍ଟି ଗୋଟିଏ ଉଇକେଟ ନେଇଥିଲେ । ଏହାର ଜବାବରେ ଜେନାପୁର ଟିମ ବ୍ୟାଟିଂ କରି ୧୦.୫ ଓଭରରେ ୪ ଉଇକେଟ ହରାଇ ୧୬୭ ରନ କରି ବିଜୟୀ ହୋଇଥିଲେ । ଦଳ ପକ୍ଷରୁ ରଂଜିତ ବରାଳ ୭୨ ଓ ପ୍ରେମାନନ୍ଦ ରାଉତ ୫୦ ରନ କରିଥିଲେ । ବିପକ୍ଷ ଅଂଟିଆ ଟିମ ପକ୍ଷରୁ ଚିନ୍ମୟ ରାଉତ ୨ଟି ଓ ସୁନିଲ ଜେନା ଗୋଟିଏ ଉଇକେଟ ନେଇଥିଲେ । ଆଜିର ମ୍ୟାଚକୁ ଇନତେକାବ

## ପାଚକ-ପାଚିକା ସଂଘର ବୈଠକ



ଧର୍ମଶାଳା (ପିଏନ୍): ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ଓ ପାଚିକା ସଂଘ ପକ୍ଷରୁ ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କଞ୍ଚିଆ ହାଇସ୍କୁଲ ପରିସରରେ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ବଡ଼ଚଣା ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି ଜଗନ୍ନାଥ ମୁଦୁଲିଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟର ସଂପାଦକ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଓ କ୍ଷୀରୋଦ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇ ରାଜ୍ୟରେ କାର୍ଯ୍ୟରତ ପାଚକ ପାଚିକାମାନଙ୍କର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଆଲୋକପାତ କରିଥିଲେ । ସଂଘର ଦାବି ସଂପର୍କରେ ରାଜ୍ୟ ବିଜେଡ଼ି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସାଧାରଣ ସଂପାଦକ ସୁବାଷ ସିଂହ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପ୍ରମୁଖ ଅବଗତ ଅଛନ୍ତି । ଏବେ ସରକାର ପାଚକ-ପାଚିକାମାନଙ୍କୁ ମାସିକ ୧୪ଶହ ଟଙ୍କା ପାରିଶ୍ରମିକ ଦେଉଥିବା ବେଳେ ଏଥିରେ ସେମାନଙ୍କ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି । ସରକାର ପାଚକପାଚିକାମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ମାସିକ ୯ହଜାର ଟଙ୍କା ବେତନ ଦେବା ପାଇଁ ଦାବି କରିଥିଲେ । ବ୍ଲକ ପାଚକ-ପାଚିକା ସଂଘ ସଭାନେତ୍ରୀ ଆରତି ବେହେରା, ପାଚିକା ମମତା ସିଂହ ଦେଓ, ଜୟନ୍ତୀ ବଳ, ଲିପିକା ମହାପାତ୍ର, ଝୁଲଣୀ ଦାସ, ଜ୍ୟୋସ୍ନାରାଣୀ ପରିଡ଼ା, ଅଖଜି ସେଠୀ ଓ କୁସୁମ ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

## ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକେ ଭୟଭୀତ

ଧର୍ମଶାଳା (ପିଏନ୍): ସମ୍ଭାବ୍ୟ ବାତ୍ୟା 'ଜୱାଦ୍'କୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଥିବା ବେଳେ ଏହାକୁ ମୁକାବିଲା ପାଇଁ ଧର୍ମଶାଳା ବ୍ଲକ ପ୍ରଶାସନ ସଜାଗ ଥିବା ସୂଚନା ଦେଇଛି । ବାତ୍ୟା ପ୍ରଭାବରେ ଯାଜପୁର ଜିଲ୍ଲାରେ ପବନ କମ୍ ଏବଂ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହୁଥିଲେ ହେଁ, ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି । ବିଶେଷ କରି ଚାଷୀମାନେ ସେମାନଙ୍କ ବର୍ଷକର ଉପାର୍ଜନ ପାଚିଲା ଧାନକୁ ସୁରକ୍ଷିତ ରଖିବା ନେଇ ସନ୍ଦିହାନ । ଅଧିକ ବର୍ଷାପବନ ହେଲେ ଜମିରେ ଥିବା ଫସଲ ନଷ୍ଟ ହେବ । ଖଳାରେ ବି କଟା ଧାନ କ୍ଷତିଗ୍ରସ୍ତ ହେବ । ସେହିପରି ବିଭିନ୍ନ ପନିପରିବା ସହିତ ଚିନାବାଦାମ ଓ ବିରି ଫସଲ ନଷ୍ଟ ହେବା ନେଇ ସମ୍ଭାବନା ସୃଷ୍ଟି ହୋଇଛି । ସମ୍ଭାବ୍ୟ କ୍ଷୟକ୍ଷତିକୁ ନେଇ ଚାଷୀ ଦୁଶ୍ଚିନ୍ତାରେ ରହିଛି । ସେହିପରି ଖାଲୁଆ ଅଞ୍ଚଳରେ ଏବଂ କଚ୍ଚା ଘରେ ରହୁଥିବା ଗରିବ ଲୋକମାନେ ଉଚ୍ଚ ସ୍ଥାନକୁ ଚାଲିଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ପହଁଚି ବାତ୍ୟା ମୁକାବିଲାର ସମୀକ୍ଷା କରିଛନ୍ତି । ଚାଷୀମାନେ ସେମାନଙ୍କ ଅମଳଯୋଗ୍ୟ ଧାନକୁ କାଟି ଆଣିବା ସହ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ କୁହାଯାଇଥିଲା । ବାତ୍ୟା ଗତିବିଧିକୁ ନଜର ରଖାଯିବା ସହ ବର୍ଷା ଓ ପବନର ବେଗ ବଢିଲେ ତଳିଆ ଅଞ୍ଚଳ ଏବଂ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଓ ତୁରନ୍ତ ବାତ୍ୟା ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତ ରଖିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନ ସଜାଗ ରହିଥିବା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଥିଲେ।

## ସ୍ମୃତିର ବୋଇତରେ ସବୁଜ ବାର୍ତ୍ତା



ଭୁବନେଶ୍ୱର (ପିଏନ୍): ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଉତ୍କଳୀୟ ପରମ୍ପରାରେ ଡ଼ଙ୍ଗା ଭସାଇବା ଓ ବୋଇତ ବନ୍ଦାଣର ଦିନ। ଅତୀତରେ ସାଧବ ପୁଅର ନୌବାଣିଜ୍ୟ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ବୋଇତରେ ଏକ ବଳିଷ୍ଠ ବାର୍ତ୍ତା ଦେବା ପାଇଁ ପ୍ରୟାସ କରିଥିଲେ। ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପସ୍ଥ କଲୋନୀ ଫେଜ୍-୨ରେ ରହୁଥିବା ସୁଶାନ୍ତ ପରିବେଶ ଉପଯୋଗୀ ବାଉଁଶ, କାଠ ଓ ସୂତା, ରଙ୍ଗ ଆଦିକୁ ବ୍ୟବହାର କରି ତିଆରି କରିଥିଲେ ଏକ ସବୁଜ ବୋଇତ। ବୋଇତ ଉପରେ ଓଡ଼ିଆ ଭାଷାରେ ରହିଥିଲା ଏକ ସୁନ୍ଦର ପରିବେଶଧର୍ମୀ ମନଛୁଆଁ ସ୍ଲୋଗାନ୍ 'ଆସ ତିଆରିବା ହେନ୍ତାଳ ବଣ, ଏ ନେଇ ସମସ୍ତେ କରିବା ପଣ, ରହିବା ସୁରକ୍ଷିତ ସଭିଏଁ ଜାଣ।' ଦିନ ଥିଲା ସାଧବ ପୁଅ ବାଲି, ସୁମାତ୍ରା, ଜାଭା, ଶ୍ରୀଲଙ୍କା ଆଦି ଦେଶମାନଙ୍କରେ ନୌବାଣିଜ୍ୟ କରି ରାଜ୍ୟକୁ ନେଇ ଆସୁଥିଲେ ଅନେକ ଧନ, ରତ୍ନ ଇତ୍ୟାଦି। ରାଜ୍ୟ ହେଉଥିଲା ସମୃଦ୍ଧ। ସମ୍ପ୍ରତି ଦ୍ୱୀପ ମଧ୍ୟରେ ରହିଥିବା ଛୋଟ ଛୋଟ ଦେଶଗୁଡ଼ିକ ବିପଦରେ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ତାପମାତ୍ରାରେ ଅସ୍ୱାଭାବିକ ପରିବର୍ତ୍ତନ ସମଗ୍ର ମାନବ ସମାଜ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାକୁ ଯାଉଛି। ଦ୍ୱୀପ ମଧ୍ୟରେ ରହିଥିବା ସମୃଦ୍ଧିଶାଳୀ ଦେଶ ଏବଂ ସମୁଦ୍ର ଉପକୂଳରେ ରହିଥିବା ଛୋଟ ବଡ଼ ସହର ଏବଂ ଗ୍ରାମଗୁଡ଼ିକ ସମୁଦ୍ର ଗର୍ଭରେ ଲୀନ ହୋଇଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏ ପ୍ରକାର ବିପଦକୁ କେବଳ ପରିବେଶ ସୁରକ୍ଷା ମାଧ୍ୟମରେ ଟାଳିହେବ ବୋଲି ସୁଶାନ୍ତ କହିଥିଲେ। ସାମୁଦ୍ରିକ ଅବକ୍ଷୟ ଏବଂ ବାତ୍ୟାକୁ ରୋକୁଥିବା ହେନ୍ତାଳ ବଣ ହିଁ ଏକମାତ୍ର ସୁରକ୍ଷା କବଚ। ଯେଉଁ ସୁରକ୍ଷା କବଚ ଦିନେ ବାତ୍ୟା, ବନ୍ୟାକୁ ରୋକୁଥିଲା, ସେହି କବଚକୁ ମଜଭୂତ କରିବା ପାଇଁ ବ୍ୟାପକ ହେନ୍ତାଳ ବଣର ଆବଶ୍ୟକତା ରହିଛି। ତେଣୁ ଏ ଦିଗରେ ଜନସଚେତନତା ନିତାନ୍ତ ଆବଶ୍ୟକ ବୋଲି ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ବୋଇତ ମାଧ୍ୟମରେ ଶ୍ରୀ ସାହୁ ଦେଇଥିଲେ ଏହି ନିଆରା ବାର୍ତ୍ତା। ସୁଶାନ୍ତଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି।

## ଛାତ୍ର କଂଗ୍ରେସ ପୂର୍ବତନ ସଭାପତିଙ୍କ ପିତୃ ବିୟୋଗ




ରାଉରକେଲା (ପିଏନ୍) : ରାଉରକେଲା ଜିଲ୍ଲା ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଏସ୍.ଅଶୋକ କୁମାରଙ୍କ ପିତା ଟି.ସୁବ୍ରମଣ୍ୟମ ନାୟାରଙ୍କର ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଏକ ଶୋକ ବାର୍ତ୍ତାରେ ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି ଯେ, ସ୍ୱର୍ଗତ ନାୟାର ଜଣେ ନିଷ୍ଠାପର, ସରଳ, କର୍ମଠ ତଥା ବନ୍ଧୁପ୍ରେମୀ ବ୍ୟକ୍ତି ଭାବେ ସେକ୍ଟର ଅଞ୍ଚଳରେ ବେଶ୍ ପରିଚିତ ଥିଲେ । ଇସ୍ପାତ କାରଖାନାରେ କାର୍ଯ୍ୟରତ ଥାଇ ଅବସର ଗ୍ରହଣ ପରେ ଛେଣ୍ଡ ଅଞ୍ଚଳରେ ଅବସ୍ଥାନ କରୁଥିଲେ । ଗତକାଲି ସନ୍ଧ୍ୟାରେ ୮୫ ବର୍ଷ ବୟସରେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି । ଏହି ଦୁଃଖଦ ସମୟରେ ଈଶ୍ୱର ତାଙ୍କ ପରିବାରକୁ ସହାୟ ହେବା ସହିତ ସ୍ୱର୍ଗତ ନାୟାରଙ୍କ ଆତ୍ମାକୁ ସଦ୍‌ଗତି ଦେବା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, ପୂର୍ବତନ ସଭାପତି ବିରେନ ସେନାପତି, ଛେଣ୍ଡ ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ଅନ୍ୟତମ ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଜିଲ୍ଲା ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, କୋଷାଧ୍ୟକ୍ଷ ଚିତ୍ତରଂଜନ ମହାନ୍ତି, ସାମାଜିକ ଗଣମାଧ୍ୟମର ସୁଧୀର ନାଥ ଓ ଜିଲ୍ଲା କଂଗ୍ରେସର ଶ୍ୟାମସାଗର ପ୍ରମୁଖଙ୍କ ସମେତ ଅନ୍ୟ କଂଗ୍ରେସ କର୍ମକର୍ତ୍ତାମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ଯୋଗେନ୍ଦ୍ର ଦାସ ଆଶ୍ରମରେ ଗୋ ପୂଜା ସହିତ ସଚେତନତା ଅଭିଯାନ

ଆନନ୍ଦପୁର(ପିଏନ୍):କେନ୍ଦୁଝର ଋଷିକ୍ଷେତ୍ରର ଆନନ୍ଦପୁର ଉପଖଣ୍ଡ ବେଲବାହାଳି ବରମୁଳସାହି ଯୋଗେନ୍ଦ୍ର ଦାସ ଆଶ୍ରମରେ ସାଧୁସନ୍ଥ ତଥା ଧର୍ମ ରକ୍ଷକମାନଙ୍କୁ ନେଇ ଏକ ସମାଜ ସଂସ୍କାର ଆଲୋଚନାଚକ୍ର ସହ ଗୋ ନବରାତ୍ର ଅବସରରେ ଗୋ ପୂଜା ଏବଂ ଜନସାଧାରଣଙ୍କୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ଏହି ସଚେତନତା ଅଭିଯାନରେ ସୋହମସ୍ୱାମୀ କୃପା ପାତ୍ର ଅଖଣ୍ଡାନନ୍ଦ ସ୍ୱାମୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଅଭିଯାନରେ ଅଧ୍ୟକ୍ଷତା କରିଥିବା ଆବାହକ ବାବା ତ୍ରିଲୋଚନ ଦାସ ଏବଂ ଶତ୍ରୁଘନ ଦାସ ଦାୟିତ୍ୱ ନେଇ ସକାଳୁ ପ୍ରଥମେ ଗୋ ପୂଜା କରାଯାଇ ଘର ଘର ବୁଲି କିପରି ଭାବେ ଆମ ଅଂଚଳରେ ବିଦେଶୀ କ୍ଷୀର ଓ ଘିଅ ଲୋକମାନେ ବ୍ୟବହାର ନକରିବେ ଏବଂ ନିଜ ଘରେ ଗୋରୁ ଗାଈ ରଖି ଗୋ ସେବା କରି ଦେଶୀ ଗାଈ କ୍ଷୀର ଓ ଘିଅ ସମସ୍ତେ ବ୍ୟବହାର କରିବେ ଏବଂ ଯେଉଁ ଗୋରୁ ଗାଈ ମରି ଯାଉଛନ୍ତି ସେସବୁକୁ ନିଜ ଚାଷ ଜମିରେ ପୋତିବେ । ଯାହା ଫଳରେ ଚାଷ ଜମି ଅଧିକ ମାତ୍ରରେ ବଳ ସଂଗ୍ରହ କରିପାରିବ ଏ ସମ୍ପର୍କରେ ସାଧୁସନ୍ଥମାନେ ଲୋକମାନଙ୍କ ସମ୍ମୁଖରେ ଆଲୋଚନା କରିଥିଲେ । ଏଥିରେ ବାବାଜୀ ପର୍ଶୁରାମ ଦାସ, ବ୍ରଜବନ୍ଧୁ ଦାସ, ତ୍ରିଲୋଚନ ଦାସ, ନୀଳମାଧବ ଦାସ, ମନମୋହନ ଦାସ, ଶତ୍ରୁଘନ ଦାସ, ରାମଚନ୍ଦ୍ର ଦାସ, ଆଦିକନ୍ଦ ଦାସ ଏବଂ ଗ୍ରାମବାସୀ କ୍ଷେତ୍ରବାସୀ ସାହୁ, ବୀରବର ସାହୁ, ଗୋପୀନାଥ ସାହୁ, ରଙ୍କନିଧି ସାହୁ, କୁଶ ଖୁଣ୍ଟିଆ, ଚେମତା ସାହୁ, ଘନଶ୍ୟାମ ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ରହି ଗୋ ନବରାତ୍ର ପାଇଁ ସଚେତନତା ଅଭିଯାନରେ ସହଯୋଗ କରିଥିଲେ ।

## ଧର୍ମଶାଳା ବିଜେପିର ମିଶ୍ରଣ ପର୍ବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବିଜେପିର ଏକ ମିଶ୍ରଣ ପର୍ବ ଶାନ୍ତିବଜାର(ଦୁର୍ଗା ମଣ୍ଡପ)ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ଧର୍ମଶାଳାର ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ଜାରକା ପଞ୍ଚାୟତର ବହୁ ସଂଗଠକ ଓ କର୍ମୀ ବିଜେପିରେ ଯୋଗଦେଇଥିଲେ । ବିଜେପି ନେତା ଉପେନ୍ଦ୍ର କରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠକ ଦେବେନ୍ଦ୍ର ପାଣିଗ୍ରାହୀ, ସଂଜୟ ଲେଙ୍କା, କୁମାର ଖଟୁଆ, ରାମଚନ୍ଦ୍ର ରାଉତ, ସନ୍ତୋଷ ଖଟୁଆ, କାର୍ତ୍ତିକ ପଣ୍ଡା, ଟୁକୁନା କାଣ୍ଡି, ସୁଜିତ୍ ଦାସ, ସୌମ୍ୟରଂଜନ ରାଉତ, ଆକାଶ ଦାସ, ବାଇଧର ଦାସ, ବିଭୂତି ଭୂଷଣ ରଥ, ବୁଲୀ ଦାସ, ବ୍ରହ୍ମାନନ୍ଦ ମିଶ୍ର, ବଳରାମ କରଙ୍କ ସମେତ ସେମାନଙ୍କ ବହୁ ସମର୍ଥକ ବିଜେପିରେ ଯୋଗଦେବା ପରେ ଧର୍ମଶାଳାରେ ଦଳୀୟ ସଂଗଠନ ଅଧିକ ମଜବୁତ ହେଲା ବୋଲି କୁହାଯାଇଥିଲା । ନବାଗତ କର୍ମୀମାନଙ୍କୁ ବିଜେପି ନେତ୍ରୀ ଶ୍ରୀମତୀ ପହି ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ, ସତ୍ୟନାରାୟଣ କର ଓ ସତ୍ୟନାରାୟଣ ଆଚାର୍ଯ୍ୟ ଏହି ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ ।

## ଗାଁକୁ ଗାଁ ବୁଲୁଛନ୍ତି ସମାଜସେବୀ ଡଃ. ଶମ୍ଭୁନାଥ ରାଉତ

ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ରାଧିକାଦେଇପୁର ପଂଚାୟତର ରାଧିକାଦେଇପୁର ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ସମାଜସେବୀ ଡ. ଶମ୍ଭୁନାଥ ରାଉତ । ଗ୍ରାମଟିରେ ପଂଚାୟତର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ ଥିଲେ ମଧ୍ୟ ଏହା ମାତ୍ର ଗୋଟିଏ ୱାର୍ଡ ଓ ୪ ଶହରୁ ଊର୍ଦ୍ଧ୍ୱ ଭୋଟର ବିଶିଷ୍ଟ ୭ ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟାର ବସତି । ଏହି ଗ୍ରାମରେ ଅର୍ଦ୍ଧାଧିକ ଯାଦବ ଏବଂ ଅନ୍ୟ ଅଧା ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଅଟନ୍ତି । ଦୀର୍ଘ ବର୍ଷ ଧରି ପଂଚାୟତର ସଦର ମହକୁମା ଗାଁ ଟି ହୋଇଥିଲେ ମଧ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସହ ଆବାସ ଯୋଜନା ବାଟ ହୁଡିଛି । ବାର୍ଦ୍ଧକ୍ୟ, ବିଧବା ଭତ୍ତା ସାଙ୍ଗକୁ ରାସନକାର୍ଡରୁ ବଂଚିତ ହୋଇଛନ୍ତି । ଏହି ଗ୍ରାମର ଅନେକ ଜନଜାତି ସମ୍ପ୍ରଦାୟ ରାଜନୈତିକ ମାନସିକତା ଅଭାବରୁ ପ୍ରଶାସନିକ ଅଧିକାରୀମାନେ ପଂଚାୟତର ଏହି ଗ୍ରାମର ବିକାଶରେ ବାଧକ ସାଜିଛନ୍ତି । ଖବର ପାଇ ସମାଜସେବୀ ତଥା ଗରିବ ସେବା ସଦନର ସଭାପତି ଡ. ରାଉତ ଓ ସଦନର ବରିଷ୍ଠ ସଦସ୍ୟଗଣ ବାବନ ଚରଣ ଭୂୟାଁ, ପ୍ରଣବ ପୁହାଣ, ଦିଲ୍ଲୀପ ଜେନା, ଝାଡେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହ ଗ୍ରାମର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଗ୍ରାମର ବିଦ୍ୟାଧର ଦାସ, ଧନେଶ୍ୱର ମୁର୍ମୁ, ଶ୍ରୀକାନ୍ତ ସୋରେନ୍, ଚମ୍ପା ଟୁଡୁ, ସୁନାରାମ କିସ୍କୁ, ରଂଜନ ପାତ୍ର, ସୁଶାନ୍ତ ବାରିକ, କ୍ଷେତ୍ରବାସୀ ମାରାଣ୍ଡିଙ୍କ ସହିତ ବହୁ ଗରିବ ଲୋକ ଯୋଗଦେଇ ନିଜର କ୍ଷୋଭ ପ୍ରକାଶ କରିଥିଲେ । ଏହିସବୁ ସମସ୍ୟା ଜିଲ୍ଲାପାଳ ଓ ୫-ଟି କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ମାଧ୍ୟମରେ ଜଣାଇବା ପାଇଁ ଗରିବ ସେବା ସଦନ ତରଫରୁ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ

ଭୁବନେଶ୍ୱର,(ପି.ଏନ): ତା୨୬/ ୧୨/୨୦୨୧ରିଖ ସକାଳ ୧୦ଘଟିକା ସମୟରେ ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହେବ । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା,ସମାଲୋଚିକା, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡିଆ ସାହିତ୍ୟର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡ.ସଂଘମିତ୍ରା ମିଶ୍ର ଓ ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ବାଗ୍ମୀ ପ୍ରଫେସର ଡଃ ଭବାନୀ ଶଙ୍କର ମିଶ୍ର ଯୋଗଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଉତ୍ସବରେ ସଭାପତିତ୍ୱ କରିବେ ବିନ୍ଦୁ ସାହିତ୍ୟ ସମାଜର ଅଧକ୍ଷ, ସୁସାହିତ୍ୟିକ ତଥା ସମାଜସେବୀ ପ୍ରଫେସର ନିତ୍ୟାନନ୍ଦ ମିଶ୍ର । ଚଳିତ ବର୍ଷ ବିନ୍ଦୁ ସାହିତ୍ୟ ସମାଜ ତରଫରୁ ସମ୍ବର୍ଦ୍ଧିତ ହେବ ପ୍ରଖ୍ୟାତ କଥାକାର, ଅଧାପକ ଅନୀଲ କୁମାର ପାଢୀ । ବିନ୍ଦୁ ପ୍ରତିଭା ସମ୍ମାନରେ ସମ୍ମାନୀତ ହେବେ, ଶ୍ରୀମତୀ ରାଜଲକ୍ଷ୍ମୀ ତ୍ରିପାଠୀ, ସୁଜାତା ମହାପାତ୍ର, ପାରମିତା ଷଡଙ୍ଗୀ ଓ ଡଃ ସରୋଜିନୀ ପଟ୍ଟନାୟକ ।ଉତ୍ସବରେ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ 'ଢେଙ୍କାନାଳ ସାହିତ୍ୟ': ଏଗାରଟି ଚିତ୍ରପଟ୍ଟ, ବାଉରିବନ୍ଧୁ ଲେଙ୍କାଙ୍କ 'କୁମାର ସମ୍ଭବମ(ଅନୁବାଦ କାବ୍ୟ) ଓ କବିତା ସଙ୍କଳନ 'ପ୍ରୀୟା', ସୁଷମା ପରିଜାଙ୍କ 'ପ୍ରତିବନ୍ଧ'(ଦ୍ୱିତୀୟ ସଂସ୍କରଣ), ରଜୀତ ଦାସଙ୍କ 'ପିଲାବେଳ ଧୂଳିଖେଳ', ସରିତା ପ୍ରଧାନଙ୍କ ' ଏଇ ଅଛି ଏଇ ନାହିଁ', ରଶ୍ମିମୟୀ ପତିଙ୍କର ' ପ୍ରଣୟର ଛନ୍ଦ ତାଳେ' ଓ 'ପ୍ରୀତି ତରଙ୍ଗ' ଉନ୍ମୋଚିତ ହେବ । ଉତ୍ସବର ଦ୍ୱିତିୟାର୍ଦ୍ଧରେ, ଉପସ୍ଥିତ କବି ଓ କବୟତ୍ରୀ ମାନଙ୍କ ଦ୍ୱାରା କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ଉକ୍ତ ଉତ୍ସବରେ ସାହିତ୍ୟ ପ୍ରେମୀମାନେ ଯୋଗ ଦେବାକୁ ବିନ୍ଦୁ ସାହିତ୍ୟ ସମାଜ ତରଫରୁ ସଭାପତି ବାଉରିବନ୍ଧୁ ଲେଙ୍କା ଅନୁରୋଧ କରିଛନ୍ତି ।

## ଶ୍ରୀ ସିରିଡି ସାଇବାବା ସେବା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ଓ ଖଟ ବଣ୍ଟନ

କେନ୍ଦୁଝ.(ପି.ଏନ): କେନ୍ଦୁଝର ସହର ଉପକଣ୍ଠ ବାମ୍ପାର ଠାରେ ଥିବା ଶ୍ରୀ ସିରିଡି ସାଇବାବା ସେବା ଚାରିଟେବୁଲ ଟ୍ରଷ୍ଟ ତରଫରୁ ଗୁରୁଜି ଚନ୍ଦ୍ରଭାନୁ ଶତପଥିଙ୍କ ଜନ୍ମଦିବସ ପାଳନ ଅବସରରେ ପଦ୍ମପୁର ସ୍ଥିତ ସମର୍ଥ ଚାଇଲ୍ଡ କେୟାର ହୋମ ର ୪୦ ଜଣ ଅନ୍ତେବାସୀଙ୍କୁ କମ୍ବଳ,ଖଟ ଓ ପ୍ରସାଦ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସାଇ ମନ୍ଦିରର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡା ଜିଲ୍ଲାରେ ୬ଟି ବ୍ଲକ ସ୍ତରୀୟ ବସଷ୍ଟାଣ୍ଡର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

କେନ୍ଦ୍ରାପଡା,(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମଗ୍ର ରାଜ୍ୟର ୫୨ଟି ବ୍ଲକ ସ୍ତରୀୟ ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନର ଶୁଭାରମ୍ଭ କରିଛନ୍ତି । ସେଥିରେ କେନ୍ଦ୍ରାପଡା ଜିଲ୍ଲାର ରାଜନଗର, ରାଜକନିକା, ଆଳି, ମହାକାଳପଡା, ଗରଦପୁର ଓ ମାର୍ଶାଘାଇ ବ୍ଲକ ପ୍ରଭୃତି ୬ଟି ବ୍ଲକର ସଦର ମହକୁମାରେ ନୂତନ ବ୍ଲକ ସ୍ତରୀୟ ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନର ଶୁଭ ଉଦଘାଟନ କରିଛନ୍ତି । ବ୍ଲକ ସଦର ମହକୁମାରେ ବସଷ୍ଟାଣ୍ଡ ନଥିବାରୁ ବସଯାତ୍ରୀମାନେ ବିଶ୍ରାମ, ଶୌଚାଳୟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିଲେ । ଏହି ଉପଲକ୍ଷେ କେନ୍ଦ୍ରାପଡା ଓସଓ୍ୱାନ କକ୍ଷରେ ଆୟୋଜିତ ଭିଡିଓ କନଫରେନ୍ସିଂ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ରିତ ରତୁରାଜ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି ଓ ସେହି କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ନିର୍ମଳ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ଶାଖା ତରଫରୁ ଜାତୀୟ କୃଷକ ଦିବସ ପାଳିତ

କେନ୍ଦୁଝର,(ପି.ଏନ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କେନ୍ଦୁଝର ଶାଖା ତରଫରୁ ସାମନ୍ତରାୟପୁର ଠାରେ ଜାତୀୟ କୃଷକ ଦିବସ ୨୩ ତାରିଖ ଦିନ ପାଳିତ ହୋଇଯାଇଛି । କୃଷକ ଦିବସ ପାଳନ ଉପଲକ୍ଷେ କୃଷକ ଭାଇ ମାନଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାର ପ୍ରାରମ୍ଭରେ ବ୍ରହ୍ମାକୁମାର ଝରିଲାଲ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ କୃଷକ ମଞ୍ଚର ଉପସଭାପତି କାନନ ବିହାରୀ ପହି ଓ ସମ୍ମୀନତ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାର,ଏଗ୍ରିକଲଚର ଟେକ୍ନୋଲୋଜି ମ୍ୟାନେଜର ଶିବ ଶଙ୍କର ମଶ୍ର,କେନ୍ଦୁଝର ସେବା କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ ଓ ବ୍ରହ୍ମାକୁମାରୀ ଜୟନ୍ତୀ ପ୍ରମୁଖ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ । ବ୍ରହ୍ମାକୁମାରୀ ବିନ୍ଦୁ ଭଉଣୀ ଶାଶ୍ୱତ ଯୌଗିକ କୃଷି ବିଷୟରେ ଆଲୋକପାତ କରିଥିଲେ । ରାସାୟନିକ ସାର ପ୍ରୟୋଗ ବଦଳରେ ଜୈବିକ ସାର ପ୍ରୟୋଗ ଓ ଯୋଗର ଶକ୍ତି ପ୍ରୟୋଗ ଫଳରେ କିପରି ଉନ୍ନତ,ସୁସ୍ୱାଦୁ ଓ ପୁଷ୍ଟିକର ଖାଦ୍ୟ ଉତ୍ପାଦନ କରିହେବ ସେହି ବିଷୟରେ ବୁଝାଇ ଥିଲେ । ମୁଖ୍ୟଅତିଥି ଶ୍ରୀ ପହି କୃଷକ ମାନଙ୍କର ସମସ୍ୟା ଓ ତା'ର କିପରି ସମାଧାନ ହୋଇ ପାରିବ ଆଲୋଚନା କରିଥିବା ବେଳେ ସମ୍ମାନୀତ ଅତିଥି ମାଧବ ସର୍ଦ୍ଦାର ନୂତନ ଯୌଗିକ କୃଷି ପ୍ରୟୋଗ ଫଳରେ କୃଷି କ୍ଷେତ୍ରରେ ଉନ୍ନତି ଆଣିହେବ ବୋଲି ମତବ୍ୟକ୍ତ କରିଥିଲେ । ବ୍ରହ୍ମାକୁମାରୀ ଜୟନ୍ତୀ କିପରି ରାଜଯୋଗର ଶକ୍ତିକୁ କୃଷି କ୍ଷେତ୍ରରେ ପ୍ରୟୋଗ କରି ଚାଷୀ ଭାଇ ଅଧିକ ଉତ୍ପାଦନ କରିପାରିବ ଓ ନିଜର ମନର ସନ୍ତୁଳନ ରକ୍ଷା କରିପାରିବ ସେ ବିଷୟରେ ବୁଝାଇ ଥିଲେ । ଅନ୍ୟତମ ଅତିଥି ବ୍ରହ୍ମା କୁମାର ଶିବ ଶଙ୍କର ମିଶ୍ର ପଲିଥିନ୍ ବ୍ୟବହାର କମାଇବା ଓ ଜୈବିକ ଖତ ବ୍ୟବହାର କରି ମୃର୍ତ୍ତିକାର ଉର୍ବରତା କିପରି ବଢାଇ ହେବ ସେ ବିଷୟରେ ଆଲୋଚନା କରିଥିଲେ । ଏହାପରେ କୃଷକ ଭାଇ ତଥା ବ୍ରହ୍ମାକୁମାର ବିଶ୍ୱନାଥ କୃଷି କାର୍ଯ୍ୟ ତଥା ଶାଶ୍ୱତ ଯୌଗିକ କୃଷି ବିଷୟରେ ତାଙ୍କ ଅନୁଭବ ସମସ୍ତଙ୍କ ସମ୍ମୁଖରେ ରଖିଥିଲେ । ସଭାରେ ଉପସ୍ଥିତ ସମସ୍ତ କୃଷକ ଭାଇ ମାନଙ୍କୁ ଉତ୍ତରୀୟ ଓ ତିଳକ ଦେଇ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ପ୍ରତିଭା,ସ୍ୱାତୀ, ବିନିଦା, ମିକୁ,ଅର୍ଚ୍ଚନା ଓ ବ୍ରହ୍ମାକୁମାର ଲୋକନାଥ, ସୁମନ୍ତ,ଅକ୍ଷୟ, ଘନଶ୍ୟାମ ପ୍ରମୁଖ ସହଯୋଗ କରିଥିଲେ ।

## ଇଞ୍ଜିନିୟରଙ୍କ ପରଲୋକ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମର ଅବସରପ୍ରାପ୍ତ ଜନସ୍ୱାସ୍ଥ୍ୟ(ପିଏଚ୍‌ଡି) ବିଭାଗ କାର୍ଯ୍ୟନିର୍ବାହୀ ଇନିୟର ଧନେଶ୍ୱର ରାଉଳ(୯୦)ଙ୍କ ଗତ ଗୁରୁବାର ରାତିରେ ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ ଶରତ, ପ୍ରଭାତ, ରାଜକିଶୋର, ନିକୁ, ବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଚାକିରୀରୁ ଅବସର ଗ୍ରହଣ ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ସେ ସାମିଲ୍ ଥିଲେ । ବିୟୋଗ ଖବର ପାଇ ଶିକ୍ଷକନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ନୃସିଂହ ଚରଣ ମିଶ୍ର, ସଦାନନ୍ଦ ନାୟକ, ଶିକ୍ଷକ ନରେନ୍ଦ୍ର ବେହେରା, ସମାଜସେବୀ ଦେବପ୍ରସାଦ ରାୟ, ଶ୍ରବଣ ବାରିକ, କୃଷ୍ଣଚନ୍ଦ୍ର ଦାସ, ଶତ୍ରୁଘ୍ନ ରାଉଳ, ସୁନୀଲ କୁମାର ମହାନ୍ତି, ଶଶୀଭୂଷଣ ଦ୍ୱାରୀ, ଅସିତ୍ କୁମାର ସାମଲ, ରାମଚନ୍ଦ୍ର ରାଉଳ, ସୁଧାଂଶୁ ରାଉତ, ଦାମୋଦର ରାୟ, ପ୍ରଦୀପ୍ତ କୁମାର ରାୟ ପ୍ରମୁଖ ସ୍ୱର୍ଗତ ରାଉଳଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ବଡପୁଅ ଶରତ ମୁଖାଗ୍ନି ଦେଇଥିଲେ ।

# ୨୫ ଓ ୨୬ରେ ଓଡିଶା ପଲିଟିକାଲ ସାଇନ୍ସ ଆସୋସିଏସନ୍‌ର ୨୯ ତମ ସମ୍ମେଳନ

ଭୁବନେଶ୍ୱର, (ପି.ଏନ): ୨୫ ଓ ୨୬ ଡିସେମ୍ବର ଉତ୍କଳ ବିଶ୍ୱବିଦ୍ୟାଳୟ ଉପାଧ୍ୟୁତ୍ତର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଓଡିଶା ପଲିଟିକାଲ ସାଇନ୍ସ ଆସୋସିଏସନ୍‌ର ୨୯ ତମ ସମ୍ମଳନ ଆୟୋଜନ ହେଉଛି । ୨୫ ତାରିଖ ଶନିବାର ପୂର୍ବାହ୍ନ ୧୦ଟାରେ ବିଶ୍ୱବିଦ୍ୟାଳୟର ନୂତନ କନ୍‌ଭୋକେସନ୍ ହଲ୍‌ରେ ଓଡିଶା ବିଧାନସଭାର ବାଚ୍‌ସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ସମ୍ମଳନକୁ ଉଦ୍‌ଘାଟନ କରିବେ । ସଂପ୍ରତି ଆମେରିକା ଗସ୍ତରେ ଥିବା ସଂସଦର ସଭାପତି ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ରଙ୍କ ଅନୁପସ୍ଥିତିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅମୀୟ ପରିଚ୍ଛାଙ୍କ ସଭାପତିତ୍ୱରେ ହେଉଥିବା ଉକ୍ତ ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଡ.ଅରୁଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେବେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବାକୁ ଥିବାବେଳେ କୋଲକାତା ବିଶ୍ୱବିଦ୍ୟାଳୟ(ଆଲିପୁର କ୍ୟାମ୍ପସ)ର ରାଜନୀତି ବିଜ୍ଞାନ ପ୍ରଫେସର ଦୀପଙ୍କର ସିହ୍ନା ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ । ଏହି ଅବସରରେ ଦୁଇଦିନ ଧରି ମୋଟ ଆଠଗୋଟି ଅଧିବେଶନରେ 'ପଲିଟିକ୍ସ ଆଣ୍ଡ ଡେଭେଲପ୍‌ମେଣ୍ଟ ଇନ୍ ଇଣ୍ଡିଆ: ଇସ୍ୟୁଜ୍ ଆଣ୍ଡ ଚ୍ୟାଲେଂଜେସ୍' ଶୀର୍ଷକ ମୂଳ ବିଷୟବସ୍ତୁର ବିଭିନ୍ନ ନିର୍ଦ୍ଧାରିତ ଦିଗ ଉପରେ ବହୁ ଅଭିଜ୍ଞ ଶିକ୍ଷାବିତ ଆଲୋଚନା କରିବା ସହ ଗବେଷଣାତ୍ମକ ଭିତ୍ତିପ୍ରବନ୍ଧମାନ ଉପସ୍ଥାପନ କରିବେ । ସଂସଦର ସଭ୍ୟସଭ୍ୟାମାନେ ବହୁସଂଖ୍ୟାରେ ଯୋଗ ଦେବାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ତଥା ସମ୍ମଳନର ସାଂଗଠନିକ ସଂପାଦିକା ପ୍ରଫେସର ସ୍ମିତା ନାଏକ ଅନୁରୋଧ କରିଛନ୍ତି । ଅଧିକ ଜାଣିବା ପାଇଁ ତାଙ୍କୁ ୮୯୦୮୧୦୦୭୦୭ କିମ୍ବା ୯୮୬୧୦୮୩୦୬୦ ନମ୍ବରରେ ଯୋଗାଯୋଗ କରାଯାଇପାରିବ । ସୂଚ୍‌ନାଯୋଗ୍ୟ, ଓଡିଶାରେ ରାଜନୀତି ବିଜ୍ଞାନ ଶାସ୍ତ୍ରର ଜଣାଶୁଣା ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶଙ୍କ ଅଭିଭାବକତ୍ୱରେ ୧୯୮୬ରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଶେଷଥର ପାଇଁ ଓଡିଶା ପଲିଟିକାଲ ସାଇନ୍ସ ଆସୋସିଏସନ୍‌ର ସମ୍ମଳନ ଆୟୋଜିତ ହୋଇଥିଲା । ୩୫ ବର୍ଷ ପରେ ପୁଣି ଏହା ଉତ୍କଳ ବିଶ୍ୱବିଦ୍ୟାଳୟକୁ ଫେରୁଥିବାରୁ ଏ ନେଇ ବିଭିନ୍ନ ମହଲରେ ଉତ୍ସାହ ଦେଖାଦେଇଛି ।

# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ

କେନ୍ଦୁଝର,(ପି.ଏନ): ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ଚଳିତ ଡିସେମ୍ବର ୨୪ତାରିଖ ଦିନ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଛନ୍ତି । ଏହି ଗସ୍ତ ଅବସରରେ ରାଜସ୍ୱ କମିଶନର ଡଃ ଦଳାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଉପ ନିବନ୍ଧକ କାର୍ଯ୍ୟାଳୟର ତଦାରଖ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗ ତଥା ବିଭିନ୍ନ ବିଭାଗର କାର୍ଯ୍ୟଧାରା ତଦାରଖ କରି ସନ୍ତୋଷ ପ୍ରକାଶ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ଓ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ରାଜସ୍ୱ କମିଶନରଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟାଳୟ ପରିଚାଳନା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହିତ ଜିଲ୍ଲାର ବହୁବିଧ ବିକାଶ କ୍ଷେତ୍ରରେ ଜିଲ୍ଲାପାଳଙ୍କ ନେତୃତ୍ୱକୁ ରାଜସ୍ୱ କମିଶନର ପ୍ରଶଂସା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ତଦାରଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବନ୍ଧାଲୋ ପଂଚାୟତରେ କଂଗ୍ରେସ କର୍ମୀ ବୈଠକ

ଚଣ୍ଡିଖୋଲ, (ପିଏନ)-ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବନ୍ଧାଲୋ ପଂଚାୟତରେ ଏକ କଂଗ୍ରେସ କର୍ମୀ ବୈଠକ ବିପିନ ଚରଣ ପ୍ରତାପଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ କର୍ମୀ ବୈଠକରେ ବଡ଼ଚଣାର କଂଗ୍ରେସ ନେତା କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ କର୍ମୀ ବାସୁଦେବ ବିଶ୍ୱାଳ, ରବିନ୍ଦ୍ର ବାରିକ, ମୁରଲୀଧର ରାଉତ, ଶିବ ପ୍ରସାଦ ମହାନ୍ତି, ଧ୍ରୁବ ଚରଣ ସ୍ୱାଇଁ, ପ୍ରହ୍ଲାଦ ସ୍ୱାଇଁ, ପ୍ରାକ୍ତନ ସରପଂଚ ଶ୍ରୀଚରଣ ଜେନା, ବସନ୍ତ ରାଉତ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବର୍ତ୍ତମାନ ବଡ଼ଚଣାରେ ଯେଉଁଭଳି ଭାବେ ବିଜେଡ଼ି ସରକାରର ଦୁର୍ନୀତି କାର୍ଯ୍ୟକ୍ଷମ ଚାଲୁରହିଛି ଓ ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବଡ଼ଚଣାର ପଂଚାୟତମାନଙ୍କରେ କିଭଳି ଭାବେ ସରପଂଚ, ସମିତିସଭ୍ୟ, ଓ୍ୱାର୍ଡ଼ସଭ୍ୟ ଓ ଜିଲାପରିଷଦ ସଭ୍ୟମାନଙ୍କୁ ନିର୍ବାଚିତ କରିପାରିବା ସେନେଇ ସବୁ କଂଗ୍ରେସ କର୍ମୀ ଏକଜୁଟ୍ ହୋଇ ନିର୍ବାଚନ ଲଢେଇ ଜାରୀ ରଖିବାକୁ କଂଗ୍ରେସ ନେତା କ୍ୟାପେଟେନ୍ ମହାପାତ୍ର କଂଗ୍ରେସ କର୍ମୀମାନଙ୍କ ଆହ୍ୱାନ ଦେଇଥିଲେ ।

## ଚଣ୍ଡିଖୋଲ ଛକରେ ୪୦୭ ଗାଡ଼ି ଧକ୍କାରେ ବନମାଳୀ ସେଠୀ ଆହତ

ଚଣ୍ଡିଖୋଲ, (ପିଏନ)-ଗତ ୨୨ ତାରିଖରେ ବନମାଳୀ ସେଠୀ ୧୬ ନଂ ଜାତୀୟ ରାଜପଥ ଚଣ୍ଡିଖୋଲ ଛକକୁ ସାଇକେଲରେ ଆସିବା ସମୟରେ ଜନପ୍ରୀୟ ପ୍ରେସ ସମୁଖରେ ଏକ ୪୦୭ (ଓ.ଆର ୦୨ଏ.ଏମ୍ ୬୫୪୫) ଗାଡ଼ି ଧକ୍କା ଲଗାଇ ରାଜରାସ୍ତାରେ ଚାଲିଯାଇଥିଲା । ବନମାଳୀ ସେଠୀ ଯାହାଙ୍କ ଘର କ୍ଷେତ୍ରପାଳ, ପୋଷ୍ଟ କଂଟିଗଡ଼ିଆ, ଜିଲା-ଯାଜପୁର ସେ ଅତି ଗରୀବ ଲୋକ ହୋଇ ଦିନ ମଜୁରୀଆ ଭାବେ କାମ କରୁଥିଲେ । ଗାଡ଼ି ଧକ୍କାରେ ତାଙ୍କର ସାଇକେଲଟି ସମ୍ପୁର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ଓ ତାଙ୍କର ଡ଼ାହାଣ ହାତ ଓ ଡ଼ାହାଣ ଗୋଡ଼ ମଧ୍ୟ କ୍ଷତି ଘଟିଛି । ଦୁର୍ଘଟଣାଗ୍ରସ୍ତ ଶ୍ରୀ ସେଠୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ମାନ୍ୟବର ଯାଜପୁର ଜିଲାପାଳଙ୍କ ନିକଟରେ ଏ ଅଂଚଳବାସୀ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# ଆନନ୍ଦପୁର ଡ୍ରାଇଭର ମହାସଂଘର ସଭା

ଆନନ୍ଦପୁର,(ପି.ଏନ):ଆଜି ଆନନ୍ଦପୁର ଡ୍ରାଇଭର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର ଡ୍ରାଇଭର ମହାସଂଘ ପ୍ରଥମେ ବ୍ଲକ ଛକ ଠାରୁ ଏକ ରାଲିରେ ବାହାରି ଆନନ୍ଦପୁର ପୌରପରିଷଦର ଓ୍ୱାର୍ଡ ପରିଭ୍ରମଣ କରି ପଦ୍ମପୁର ସ୍କୁଲ ପଡିଆରେ ଏକ ସାଧାରଣ ସଭା ଅନୁଷ୍ଠିତ କରିଥିଲେ । ଏଥିରେ କେନ୍ଦୁଝର ଜିଲ୍ଲା ଡ୍ରାଇଭର ସଂଘର କୋର୍ଡିନେଟର ତ୍ରିନାଥ ମହାପାତ୍ର, ଆନନ୍ଦପୁର ବ୍ଲକ କୋର୍ଡିନେଟର ରନ କୁମାର ସାହୁ, ଶ୍ରୀକାନ୍ତ ବାରିକ, ଅଶୋକ ବାରିକ, ଘଷିପୁରା ବ୍ଲକ ଆଡମିନ୍ ସୁବାଷ ଚନ୍ଦ୍ର ସାହୁ, ମ୍ୟୁନିସିପାଲଟି ସଭାପତି ଲାଦୁନାଥ ବେସ୍ରା, କରୁଣା ହୋ ଉପସଭାପତି, ପ୍ରଭାତ କୁମାର ସାମଲ ସହସମ୍ପାଦକ ପ୍ରମୁଖ ମଞ୍ଚରେ ଅବସ୍ଥାପାନ ଥିବାବେଳେ ମଂଚର ସଭାପତିତ୍ୱ କରିଥିଲେ ହେମନ୍ତ କୁମାର ସାହୁ । ପ୍ରଥମେ ମା'ତାରିଣୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଜିଲ୍ଲା କୋର୍ଡିନେଟର ତ୍ରିନାଥ ମହାପାତ୍ର ଡ୍ରାଇଭର ଭାଇ ମାନଙ୍କ ସମ୍ବନ୍ଧରେ ଉଦ୍‌ବୋଧନ ଦେଇ ସମ୍ବଲପୁରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ୮ ଦଫା ଦାବି ନେଇ ରାଜ୍ୟ ସରକାରଙ୍କୁ ଘେରିଥିବା ବେଳେ ରାଜ୍ୟ ସରକାର ଉକ୍ତ ଦାବି ଗୁଡିକୁ ପୂରଣ କରିଥିବା ବେଳେ ଡ୍ରାଇଭର ମାନଙ୍କ ସୁରକ୍ଷା ନିମନ୍ତେ ବିପଦ ସମୟରେ ସହଯୋଗ ପାଇଁ ସଦା ସର୍ବଦା ସଂଘ କାର୍ଯ୍ୟ କରିବା ପାଇଁ ଆଗେଇ ଆସିବ ବୋଲି ଜିଲ୍ଲା କୋର୍ଡିନେଟର ତ୍ରିନାଥ ମହାପାତ୍ର ଉଦ୍‌ବୋଧନ ଦେଇଥିବା ବେଳେ ଡ୍ରାଇଭର ସଂଘର ଆନନ୍ଦପୁର ବ୍ଲକ ଆଡମିନ୍ ରନ କୁମାର ସାହୁଙ୍କୁ କିଭଳି ଡ୍ରାଇଭର ଭାଇମାନେ ନିଶାମୁକ୍ତ ହୋଇ ଗାଡି ଚଲାଇବେ ଏବଂ ଦୁର୍ଘଟଣା ସମୟରେ ବା ମୃତ୍ୟୁ ହୋଇଗଲେ ତାଙ୍କ ଘର ପ୍ରତି ସଂଘ ଓ ରାଜ୍ୟ ସରକାର କିଭଳି ସହାୟତା ରାଶି ପ୍ରଦାନ କରିବା ସହିତ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ଡ୍ରାଇଭରର କର୍ତ୍ତବ୍ୟ ଓ ଏକତା ହିଁ ବଳ ଏବଂ କୋଭିଡ୍ ସମୟରେ ଡ୍ରାଇଭର ଭାଇ ମାନଙ୍କର କିଭଳି କଷ୍ଟରେ ଜୀବନ ବିତାଇ ଥିଲେ ହେ ସବୁ ସମସ୍ୟା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଶେଷରେ ଡ୍ରାଇଭର ଭାଇମାନେ ଡ୍ରେସ୍ କୋଡ୍ ସହିତ ନିଶାମୁକ୍ତ ସେବା ଯୋଗାଇବେ ବୋଲି ଏକ ଶପଥ ପାଠ କରିଥିଲେ । ଏଥିରେ ଆନନ୍ଦପୁର ଉପଖଣ୍ଡର ସମସ୍ତ ଚାଳକ ଭାଇମାନେ ଉପସ୍ଥିତ ଥିଲେ ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଢୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତ୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।








# କିଟ୍ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା କୁଳପତି



ଭୁବନେଶ୍ୱର,(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ସସ୍ମିତାରାଣୀ ସାମନ୍ତ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ହୃଷୀକେଶ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ହୋଇଯିବା ପରେ କୁଳାଧିପତି ପ୍ରଫେସର ବେଦ ପ୍ରକାଶ ପ୍ରଫେସର ସସ୍ମିତା ସାମନ୍ତଙ୍କୁ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ପ୍ରଫେସର ସାମନ୍ତ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବଠାରୁ ଆରମ୍ଭ କରି ଉପକୁଳପତି ପର୍ଯ୍ୟନ୍ତ ଦୀର୍ଘ ୨୬ ବର୍ଷ ଧରି କିଟ୍ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଆସିଛନ୍ତି। ଆଜି ପ୍ରଫେସର ମହାନ୍ତିଙ୍କଠାରୁ ପ୍ରଫେସର ସାମନ୍ତ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶିକ୍ଷାଦାନ ଓ ପ୍ରଶାସନ କ୍ଷେତ୍ରରେ ତାଙ୍କର ଦୀର୍ଘ ୨୫ବର୍ଷର ଅଭିଜ୍ଞତା ରହିଛି। ପ୍ରଫେସର ସାମନ୍ତ ବ୍ରିଟେନର ରୟାଲ୍ ସୋସାଇଟି ଅଫ୍ ଆର୍ଟସ୍ (ଏଫଆରଏସ୍‌ଏ, ୟୁକେ) ଏବଂ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ (ଏଫ୍‌ସିଏସ୍‌ଆଇ, ଇଣ୍ଡିଆର) ଫେଲୋ ରହିଆସିଛନ୍ତି। କୁଳପତି ଚୟନ ନିମନ୍ତେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ବେଦ ପ୍ରକାଶ ପ୍ରତିଷ୍ଠିତ ଶିକ୍ଷାବିତ୍, ଜାତୀୟ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ୟୁଜିସି ପକ୍ଷରୁ ଜଣେ ସଦସ୍ୟଙ୍କୁ ନେଇ ଏକ ୩ ଜଣିଆ ଚୟନ କମିଟି ଗଠନ କରିଥିଲେ। ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ ପ୍ରଫେସର ସାମନ୍ତଙ୍କ ସମେତ ଚୟନ କମିଟି ୧୩ଜଣଙ୍କ ସାକ୍ଷାତକାର ନେଇଥିଲେ। ଚୂଡ଼ାନ୍ତ ପର୍ଯ୍ୟାୟରେ ଚୟନ କମିଟି ୩ଜଣ ପ୍ରାର୍ଥୀଙ୍କ ନାମ କୁଳାଧିପତିଙ୍କ ନିକଟକୁ ପଠାଇଥିଲେ। ଶିକ୍ଷାଦାନ ଓ ପ୍ରଶାସନିକ ଅଭିଜ୍ଞତା ସମେତ ଅନ୍ୟାନ୍ୟ ଦିଗକୁ ବିଚାରକୁ ନେଇ କୁଳାଧିପତି ପ୍ରଫେସର ସସ୍ମିତାରାଣୀ ସାମନ୍ତଙ୍କୁ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ଦେଇଥିଲେ। ଆସନ୍ତା ୫ବର୍ଷ ପାଇଁ ପ୍ରଫେସର ସାମନ୍ତ ଏହି ପଦବୀରେ କାର୍ଯ୍ୟ କରିବେ। କିଟ୍ ବିଶ୍ୱବିଦ୍ୟାଳୟ ଆରମ୍ଭରୁ ଏହାର କୁଳପତି ଭାବେ ବହୁ ବିଶିଷ୍ଟ ଶିକ୍ଷାବିତ୍ ଓ ବୈଜ୍ଞାନିକ କାର୍ଯ୍ୟ କରିଛନ୍ତି। ଏଥିରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ପ୍ରଫେସର ସସ୍ମିତାରାଣୀ ସାମନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଫେସର ସସ୍ମିତା ସାମନ୍ତଙ୍କ ନେତୃତ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ଆଗକୁ ଆହୁରି ସଫଳତା ହାସଲ କରିବ ବୋଲି ଶ୍ରୀ ସାମନ୍ତ ଆଶା ବ୍ୟକ୍ତ କରିଛନ୍ତି।

## ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ପାଇଁ ଗ୍ରାମବାସୀଙ୍କ ଦାବି

ଧର୍ମଶାଳା, (ପିଏନ୍):ଧର୍ମଶାଳା ବ୍ଲକ ଅନ୍ତର୍ଗତ କଂଟିଗଡିଆସ୍ଥିତ ମଧୁକେଶ୍ୱର ବିଦ୍ୟାପୀଠର ଶିକ୍ଷୟିତ୍ରୀ ରଶ୍ମିରେଖା ମଲିକଙ୍କ ବଦଳି ବାତିଲ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ସୂଚନା ମୁତାବକ ଶିକ୍ଷୟିତ୍ରୀ ରଶ୍ମିରେଖାଙ୍କ ଚଳିତ ମାସ ୧୫ତାରିଖରେ ଟିଜିଟି ଶିକ୍ଷୟିତ୍ରୀ ଭାବେ ନିଯୁକ୍ତ ପାଇଥିଲେ। ତେବେ ଏହି ବିଦ୍ୟାଳୟରେ କାର୍ଯ୍ୟରେ ଯୋଗଦାନ କରିବା ପରେ ହଠାତ ତାଙ୍କର ବଦଳି ନିକଟସ୍ଥ ପଟୁଣିଆ ପଂଚାୟତ ନଛିପୁରା ବିଣାପାଣୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି ପାଇଁ ଆଦେଶ ହୋଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ବଦଳି ବାତିଲ କରିବାକୁ ସରପଂଚ ଅନୁପମା ଦାସ, ସ୍କୁଲ ପରିଚାଳନା କମିଟି ସଭାପତି ଦୀପକ କୁମାର ଦାସଙ୍କ ସମେତ ଗ୍ରାମବାସୀ ଓ ଛାତ୍ରାଭିଭାବକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## କନକ ମରୀ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ସ୍ଥିତ ଶାଳପଡା କନକ ମରୀ ମହିଳା ମହାବିଦ୍ୟାଳୟରେ ସଂସ୍କୃତ ସମ୍ମାନ ବିଭାଗ ପକ୍ଷରୁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । +୩ ଶେଷ ବର୍ଷର ଛତ୍ରୀମାନେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଭାଗର ମୁଖ୍ୟ ଅଧ୍ୟାପିକା ଛନ୍ଦାଶ୍ରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡଃ ପ୍ରଦୀପ କୁମାର ମହାନ୍ତି ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଅଧ୍ୟାପିକା ମନିସାରାଣୀ ବଳ, ଅଧ୍ୟାପକ ଜତିନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ମାନସୀ ସେନା,ଶୁଭଶ୍ରୀ ପଣ୍ଡା, ସୃତି ସୁଚରିତା ଚକ୍ର, ପଙ୍କଜିନୀ ସାହୁ, ମାନସୀ ମରୀ ପାତ୍ର, ସୁଶ୍ରୀ ସ୍ମିତା ଜେନା,ଶ୍ରୁତିକଣ୍ଟା ନାଥଶର୍ମା, ରୁବିନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କୃଷକଙ୍କ ପରଲୋକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଂଚାୟତସ୍ଥିତ ଦେଉଳିପାଳ ଗ୍ରାମର ବରିଷ୍ଠ କୃଷକ ଗନ୍ଧର୍ବ ସ୍ୱାଇଁ(୮୮)ଙ୍କ ଗତକାଲି ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ, ବୋହୂ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଛି। ବଡପୁଅ ପ୍ରବୋଧ ମୁଖାଗ୍ନି ଦେଇଥିଲେ।

# ଜୱାଦରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ଦାବି

ଧର୍ମଶାଳା, (ପିଏନ୍): ଜୱାଦ ବାତ୍ୟା ପ୍ରଭାବରେ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଦାନ ପାଇଁ ସ୍ଥିର ହୋଇଥିବା ଅର୍ଥ ରାଶିର ପରିମାଣ ଦ୍ୱିଗୁଣ କରିବା ପାଇଁ ଚାଷୀମାନେ ଦାବିକରିଛନ୍ତି । ସାମୁଦ୍ରିକ ଝଡ ଜୱାଦ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଧର୍ମଶାଳା ବ୍ଲକରେ ବହୁପରିମାଣରେ ଧାନ ଓ ଅଣଧାନ ଫସଲ କ୍ଷତି ହୋଇଥିଲା। ଯାହାକୁ ନେଇ କେନ୍ଦ୍ରୀୟ ଟିମ ଆସି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। କୃଷକ ନେତା ବସନ୍ତ ପରିଡା, ନେତ୍ରାନନ୍ଦ ଦାସ, କେଶବ ପାଳ,ଲୋକନାଥ ପଲେଇ,ବିଦ୍ୟାଧର ପରିଡା, ନିତ୍ୟାନନ୍ଦ ଦାସ ପ୍ରମୁଖ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ ବାତ୍ୟା, ବନ୍ୟା ଓ ମରୁଡିରେ ଫସଲ ହାନୀ ଯୋଗୁଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ୨୦୦୬ ମସିହାରୁ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩ ହଜାର ୫ଶହ ଓ ଅଣ ଜଳସେଚିତ ଜମିପାଇଁ ହେକ୍ଟର ପିଛା ୬ହଜାର ୮ଶହ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି ବୋଲି ଧର୍ମଶାଳା ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ ମହାନ୍ତି କହିଛନ୍ତି । ୨୦୦୬ ମସିହାରେ ଶ୍ରମିକ ମଜୁରୀ, ବିହନ ଓ ସାରର ମୁଲ୍ୟ ୩ ଗୁଣ ବୃଦ୍ଧି ପାଇଛି । ଫଳରେ ଚାଷୀ ଚାଷ କରି ଉପଯୁକ୍ତ ମୁଲ୍ୟ ପାଇପାରୁ ନାହିଁ। ଶ୍ରମିକ ମଜୁରୀ, ସାର ଓ ବିହନ ମୁଲ୍ୟ ବୃଦ୍ଧି ହୋଇଥିଲେ ମଧ୍ୟ ସେହି ପରିମାଣରେ ସରକାରୀ ସହାୟତା ବୃଦ୍ଧି ହୋଇନାହିଁ। ଏନେଇ କେନ୍ଦ୍ର ଓରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଜଳଖସେଚିତ ଜମିକୁ ହେକ୍ଟର ପିଛା ୩୦ହଜାର ଓ ଅଣ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୫ହଜାର ଆର୍ଥିକ ସହାୟତା ଯୋଗଇ ଦେବା ଲାଗି କୃଷକମାନେ ଦାବି କରିଛନ୍ତି।

















2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray